Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 7

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

# ବଦର

The Weekly କାଦିଆନ

BADAR Qadian

ODIA

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 16 ଫେବୃଆରୀ 2017  16 ତବ୍‌ଲିଗ୍ 1396 ହି.ଶ  18 ଯମାଦିଲ୍ ଅୱ୍ୱଲ୍ 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱରଅ.ବ ଙ୍କ ସୁସ୍ଥ, ସବଳ, ଦୀର୍ଘାୟୁ, ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବ ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା, ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ଯେଉଁ ସିଲ୍‌ସିଲା (ସମ୍ପ୍ରଦାୟ) ରେ ଅବ୍‌ଦୁଲ୍ ଲତିଫ୍ ଶହିଦ୍‌ଙ୍କ ପରି ସତ୍ୟବାଦୀ ଓ ମୁଲ୍‌ହମ୍‌ଙ୍କୁ (ଯାହାଙ୍କ ଉପରେ ଐଶ୍ୱରୀକ ବାଣୀ ଅବତୀର୍ଣ୍ଣ ହୁଏ) ଅଲ୍ଲାଃତାଲା ଜନ୍ମ କରିଛନ୍ତି, ଯିଏ ଏହି ମାର୍ଗରେ ନିଜର ଜୀବନ ଉତ୍ସର୍ଗ କରିଦେଇଛନ୍ତି ଏବଂ ଅଲ୍ଲାଃଙ୍କଠାରୁ ଐଶ୍ୱରୀକ ବାଣୀ ପାଇ ମୋ ସତ୍ୟତାର ସ୍ପଷ୍ଟିକରଣ କରିଛନ୍ତି ଏପରି ସିଲ୍‌ସିଲା ଉପରେ ଆକ୍ଷେପ କରିବା କଣ ତକ୍‌ୱା (ଧର୍ମପରାୟଣ) ଅଟେ । ଜଣେ ସଦାଚରୀ, ଚରିତ୍ରବାନ ଓ ଜ୍ଞାନୀ ବ୍ୟକ୍ତିଙ୍କର ଗୋଟିଏ ଛୋଟ ମଣିଷ ପାଇଁ ଏପରି ପ୍ରେମପୂର୍ଣ୍ଣ ଆବେଗ କେବେ ହୋଇପାରିବ ।**

**ଅବ୍‌ଦୁଲ୍ ଲତିଫ୍ ଶହିଦ୍ ମର୍‌ହୁମ୍ ସେହି ସତ୍ୟବାଦୀ ଓ ମୁତ୍‌ତକି (ଧର୍ମପରାୟଣ) ଅଲ୍ଲାଃଙ୍କ ଭକ୍ତ ଥିଲେ ଯିଏ ଅଲ୍ଲାଃଙ୍କ ମାର୍ଗରେ ନା କେବଳ ନିଜ ସ୍ତ୍ରୀର ଚିନ୍ତା କଲେ ନା ପିଲାମାନଙ୍କର ନା ନିଜ ପ୍ରୀୟ ଜୀବନର ପରବାଏ କଲେ । ଏମାନେ ଏପରି ଲୋକ ଅଟନ୍ତି ଯିଏ ବାସ୍ତବିକ ଜ୍ଞାନୀ ଅଟନ୍ତି, ଯାହାଙ୍କ ବଚନ ଓ କର୍ମ ଅନୁକରଣୀୟ ଅଟେ, ଯିଏ ଶେଷ ପର୍ଯ୍ୟନ୍ତ ଅଲ୍ଲାଃଙ୍କ ମାର୍ଗରେ ନିଜର ସତ୍ୟତା ପ୍ରତିପାଳନ କଲେ ।**

## ହଜରତ ମସିହ ମଉଦଆ.ସ ଙ୍କ ନୀତି ବାଣୀ

୧୭- ନିଶାନ(ଚିହ୍ନ)-ମୌଲବୀ ସାହାବ୍‌ଜାଦା ଅବ୍‌ଦୁଲ୍ ଲତିଫ୍ ସାହେବ ଶହିଦ୍‌ଙ୍କ ଏଲ୍‌ହାମ୍ (ଐଶିବାଣୀ) ଯେ ଏହି ବ୍ୟକ୍ତି ହକ୍ (ସତ୍ୟବାଦୀ) ଅଟନ୍ତି । ମସିହ୍ ମଉଦ୍ ମଧ୍ୟ ଅଟନ୍ତି । ଏହିପରି ଲଗାତାର ଅନେକ ସ୍ୱପ୍ନମାନ ମଧ୍ୟ ଥିଲା ଯାହା ମୌଲବୀ ସାହେବ୍‌ଙ୍କୁ ଏତେ ଦୃଢ଼ତା ପ୍ରଦାନ କଲା ଯେ ପରିଶେଷରେ ସେ ମୋ ତସ୍‌ଦିକ୍ (ପ୍ରମାଣୀକରଣ) ପାଇଁ କାବୁଲ୍‌ର ଭୂମୀରେ ଅମୀର୍ କାବୁଲ୍‌ଙ୍କ ନିର୍ଦ୍ଦେଶରେ ଜୀବନ ଦେଲେ । ତାଙ୍କୁ ଅମୀର୍ କାବୁଲ୍ ବହୁତ ଥର ଚେତାବନୀ ଆଦେଶ ଦେଲେ ଯେ ଉକ୍ତ ବ୍ୟକ୍ତି (ମସିହ୍ ମଉଦ୍‌ଙ୍କ) ର ବୟତ ଯଦି ପରିତ୍ୟାଗ କରିବ ତେବେ ପ୍ରଥମରୁ ଅଧିକ ତୁମର ସମ୍ମାନ କରାଯିବ । କିନ୍ତୁ ସେ କହିଲେ ମୁଁ ଜୀବନକୁ ଇମାନ୍ (ବିଶ୍ୱାସ) ଉପରେ ଅଗ୍ରାଧିକାର ଦେଇପାରିବି ନାହିଁ । ଶେଷରେ ସେ ଏହି ରାସ୍ତାରେ ଜୀବନ ଦେଲେ ଏବଂ କହିଲେ ଯେ ଏହି ରାସ୍ତାରେ ଅଲ୍ଲାଃଙ୍କ ସାନ୍ନିଧ ପାଇବା ପାଇଁ ଜୀବନ ଦେବାକୁ ପସନ୍ଦ କରିବି । ତେବେ ସେ ପଥର ଦ୍ୱାରା ସଙ୍ଗ୍‌ସାର (ପଥର ମାରି ହତ୍ୟା କରାଯିବା) କରାଗଲେ ଏବଂ ଏପରି ଧୈର୍ଯ୍ୟ ଦେଖାଇଲେ ଯେ, ଗୋଟିଏ ଆହ୍ (ଶବ୍ଦ) ମଧ୍ୟ ମୁହଁରୁ ବାହାରିଲା ନାହିଁ । ୪୦ ଦିନ ପର୍ଯ୍ୟନ୍ତ ତାଙ୍କର ଲାଶ୍ ପଥର ଭିତରେ ପଡ଼ି ରହିଲା । ପୁଣି ତାଙ୍କର ଜଣେ ଅନୁଯାୟୀ ଅହେମଦ୍ ନୁର୍ ନାମୀ ବ୍ୟକ୍ତି ତାଙ୍କର ଲାଶ୍‌କୁ ଦଫନ୍ କଲେ । କୁହାଯାଉଛି ଯେ ତାଙ୍କ କବର୍‌ରୁ ଏ ପର୍ଯ୍ୟନ୍ତ କସ୍ତୁରୀର ବାସ୍ନା ଆସୁଛି । ତାଙ୍କର ଗୋଟିଏ କେଶ ଏଠି ପହଂଚାଗଲା ଯେଉଁଥିରୁ ଏପର୍ଯ୍ୟନ୍ତ କସ୍ତୁରୀ ବାସ୍ନା ଆସୁଛି । ଆମ ବଇତୁତ୍ ଦୁଆ (ଦୁଆ ପାଇଁ ନିର୍ଦ୍ଦିଷ୍ଟ ଘର)ର ଗୋଟିଏ କୋଣରେ ଗୋଟିଏ କାଚ ଭିତରେ ରଖାଯାଇଛି । ଏବେ ଏହା ସ୍ପଷ୍ଟ ହେଲା ଯେ ଯଦି ଏ ବ୍ୟାପାର ଜଣେ ପ୍ରବଂଚକ ଓ ମିଥ୍ୟାରୋପଙ୍କର ଥିଲା ତେବେ ଶହିଦ୍ ମର୍‌ହୁମ୍‌ଙ୍କୁ ଏତେ ଦୂରଦୂରାନ୍ତରେ ମଧ୍ୟ ମୋ ସତ୍ୟତା ପାଇଁ କିପରି ଏଲ୍‌ହାମ୍ ହେଲା । କିପରି ବାରମ୍ୱାର ସ୍ୱପ୍ନ ହେଲା । ସେ ତ ମୋ ନା ମଧ୍ୟ ଜାଣିନଥିଲେ କେବଳ ଅଲ୍ଲାଃତାଲା ହିଁ ମୋ ବିଷୟରେ ତାଙ୍କୁ ଖବର ଦେଇଛନ୍ତି ଯେ ପଞ୍ଜାବରେ ମହିହ୍ ମଉଦ୍ ଜନ୍ମ ହୋଇଗଲେଣି ବୋଲି ତେବେ ଯାଇ ସେ ପଞ୍ଜାବର ଖବର ଖୋଜିବାରେ ଲାଗିଗଲେ । ଯେତେବେଳେ ତାଙ୍କୁ ଖବର ମିଳିଗଲା ଯେ ପ୍ରକୃତରେ ଜଣେ ବ୍ୟକ୍ତି କାଦିଆନ୍‌ଠାରେ ଯାହା ଗୁରୁଦାସ୍‌ପୁର୍ ପଞ୍ଜାବରେ ଅବସ୍ଥିତ ଅଛି, ମସିହ୍ ମଉଦ୍ ହେବାର ଦାବୀ କରୁଛନ୍ତି, ସେତେବେଳେ ସେ ସବୁକିଛି ତ୍ୟାଗ କରି ମୋ ପାଖକୁ ଦଉଡ଼ି ଆସିଲେ ଏବଂ ପାଖାପାଖି ଦୁଇମାସ ଏଠି ରହିଲେ ପୁଣି ଫେରିବା ସମୟରେ ଦୂର୍ଜନ ଗୁପ୍ତଚରଙ୍କ ଖବର ଦ୍ୱାରା ବନ୍ଦୀ ହେଲେ । ବନ୍ଦୀପରେ ଯେବେ ତାଙ୍କୁ କୁହାଗଲା ଯେ ନିଜ ସ୍ତ୍ରୀ ଓ ପୁତ୍ରଙ୍କ ସଙ୍ଗେ ସାକ୍ଷାତ କରିନିଅ ବୋଲି କହିଲେ ଏବେ ମୋତେ ତାଙ୍କ ସହିତ ସାକ୍ଷାତ କରିବାର ଆବଶ୍ୟକ ନାହିଁ । ମୁଁ ତାଙ୍କୁ ଅଲ୍ଲାଃଙ୍କୁ ସମର୍ପି ଦେଉଛି । ଏବଂ ଯେତେବେଳେ ନିର୍ଦ୍ଦେଶ ହେଲା ଯେ ତାଙ୍କୁ ସଙ୍ଗ୍‌ସାର୍ (ପଥର ଫିଙ୍ଗି ମାରିବା) କରାଯିବ ସେତେବେଳେ ସେ କହିଲେ ଯେ ମୁଁ ୪୦ ଦିନରୁ ଅଧିକା ସମୟ ମୃତ ରହିବି ନାହିଁ । ଏହା ସେହି କଥାର ଇଙ୍ଗିତ ଥିଲା ଯାହା ଅଲ୍ଲାଃଙ୍କ ପୁସ୍ତକରେ ବର୍ଣ୍ଣିତ ଅଛି ଯେ ମୋମିନ୍ ମରିବା ପରେ କିଛି ଦିନ ବା ୪୦ ଦିନ ଭିତରେ ଜୀବିତ ହୁଏ ଏବଂ ଆକାଶକୁ ଉଠାଇ ନିଆଯାଏ । ଏହା ସେହି ଝଗଡ଼ା ଯାହା ଆମର ଓ ଆମ ବିରୋଧିଙ୍କ ମଧ୍ୟରେ ହଜ୍‌ରତ୍ ଇଶା ଆ:ସଙ୍କ ରଫା (ଆକାଶକୁ ଉଠିଯିବା) ବିଷୟରେ (ତର୍କ) ଚାଲିଛି । ଆମେ ଅଲ୍ଲାଃଙ୍କ ପୁସ୍ତକ ଅନୁସାରେ ତାଙ୍କର ଆଧ୍ୟାତ୍ମିକ ରଫା (ଉନ୍ନତି)କୁ ମାନୁଛୁ ଏବଂ ସେମାନେ ଅଲ୍ଲାଃଙ୍କ ପୁସ୍ତକର ବିରୁଦ୍ଧାଚରଣ କରି ଏବଂ ଅଲ୍ଲାଃଙ୍କ ନିର୍ଦ୍ଦେଶ *"କୁଲ୍ ସୁବ୍‌ହାନା ରବ୍‌ବି ହଲ୍ କୁନ୍‌ତୁ ଇଲ୍ଲା ବଶରର୍ ରସୁଲା"* କୁ ନିଜ ପାଦତଳେ ରଖି ଶାରିରୀକ ରଫା (ଉନ୍ନତି) କୁ ମାନୁଛନ୍ତି । ମତେ କହୁଛନ୍ତି ଯେ ଇଏ ଦଜ୍ଜାଲ ଅଛି କାରଣ ୩୦ ଟି ଦଜ୍ଜାଲ ଆସିବାର ଲେଖାଅଛି । କିନ୍ତୁ ସେମାନେ ଚିନ୍ତା କରୁନାହାଁନ୍ତି ଯେ ଯଦି ୩୦ ଜଣ ଦଜ୍ଜାଲ ଆସିବାର ଥିଲା ତେବେ ସେହି ହିସାବରେ ପ୍ରତ୍ୟେକ ଦଜାଲଙ୍କ ମୁକାବିଲାରେ ୩୦ ଜଣ ମସିହ୍ ମଧ୍ୟ ଆସିଥାନ୍ତେ । କିନ୍ତୁ ଆଶ୍ଚର୍ଯ୍ୟର କଥା ୩୦ ଜଣ ଦଜାଲ୍ ତ ଆସିଗଲେ କିନ୍ତୁ ଜଣେ ମଧ୍ୟ ମସିହ୍ ଏପର୍ଯ୍ୟନ୍ତ ଆସିଲେ ନାହିଁ । ଏହି ଉମ୍ମତ୍ (ଇସ୍‌ଲାମ୍) କେତେ ଅଭାଗା ଯେ କେବଳ ଦଜାଲ୍ ତା ଭାଗରେ ରହିଗଲେ । ସଚ୍ଚା ମସିହ୍‌ର ମୁହଁ ଦେଖିବା ତା ଭାଗ୍ୟରେ ନାହିଁ । ଯେବେ କି ଇସ୍‌ରାଇଲି ସିଲ୍‌ସିଲା (ବଂଶ)ରେ ତ ଶହ ଶହ ନବୀ ଆସିଥିଲେ ।

ତେଣୁ ଯେଉଁ ସିଲ୍‌ସିଲାରେ ଅବ୍‌ଦୁଲ୍ ଲତିଫ୍ ଶହିଦ୍‌ଙ୍କ ପରି ସତ୍ୟବାଦୀ ଓ ମୁଲ୍‌ହିମ୍ (ଐଶ୍ୱରୀକ ବାଣୀ ଗ୍ରହୀତା)ଙ୍କୁ ଅଲ୍ଲାଃତାଲା ଜନ୍ମ ଦେଲେ ଯିଏ ଏହି ମାର୍ଗରେ ନିଜର ଜୀବନ ଦେଇଦେଲେ ଏବଂ ଅଲ୍ଲାଃଙ୍କ ନିକଟରୁ ଐଶିବାଣୀ ପାଇ ମୋ ସତ୍ୟତାର ପ୍ରମାଣ ଦେଲେ । (ତେଣୁ) ଏପରି ସିଲ୍‌ସିଲା ଉପରେ ଆକ୍ଷେପ କରିବା କ'ଣ ତକ୍‌ୱା ଅଟେ ? ଜଣେ ସଦାଚରୀ, ଚରିତ୍ରବାନ୍ ଓ ଜ୍ଞାନୀଙ୍କର କ'ଣ ଗୋଟିଏ ଛୋଟିଆ ଲୋକ ପାଇଁ ଏପରି ପ୍ରେମପୂର୍ଣ୍ଣ ଆବେଗ ହୋଇପାରିବ..... ।

ସାହିବ୍‌ଜାଦା ମୌଲବୀ ଅବ୍‌ଦୁଲ୍ ଲତିଫ୍ ଶହିଦ୍ ନିଜର ଲହୁ ଦ୍ୱାରା ସତ୍ୟତାର ସାକ୍ଷୀ ଦେଲେ । ***ଅଲ୍‌ଇସ୍‌ତକାମତୁ ଫଉକୁଲ୍ କରାମାତି*** । କିନ୍ତୁ ଆଜିକାଲିର ଓ୍ୱଲେମାମାନଙ୍କ ଏ ଅଭ୍ୟାସ ଯେ ସେମାନେ ଦୁଇ ଦୁଇ ଟଙ୍କା ପାଇଁ ତାଙ୍କର ଫତ୍‌ୱା ବଦଳାଇ ଦେଉଛନ୍ତି ଏବଂ ତାଙ୍କର କଥା ଅଲ୍ଲାଃଙ୍କ ଭୟ ଦ୍ୱାରା ନୁହେଁ ବରଂ ନିଜ ମନର ଆବେଗ ଦ୍ୱାରା ହୋଇଥାଏ । ଅବ୍‌ଦୁଲ୍ ଲତିଫ୍ ଶହିଦ୍ ମର୍‌ହୁମ୍ ସେହି ସତ୍ୟବାଦୀ ଓ ମୁତ୍‌ତକି (ଧର୍ମପରାୟଣ) ଅଲ୍ଲାଃଙ୍କ ଭକ୍ତ ଥିଲେ ଯିଏ ଅଲ୍ଲାଃଙ୍କ ମାର୍ଗରେ ନା କେବଳ ନିଜ ସ୍ତ୍ରୀର ଚିନ୍ତା କଲେ ନା ପିଲାମାନଙ୍କର ନା ନିଜ ପ୍ରୀୟ ଜୀବନର ପରବାଏ କଲେ । ଏମାନେ ଏପରି ଲୋକ ଅଟନ୍ତି ଯିଏ ବାସ୍ତବିକ ଜ୍ଞାନୀ ଅଟନ୍ତି, ଯାହାଙ୍କ ବଚନ ଓ କର୍ମ ଅନୁକରଣୀୟ ଅଟେ, ଯିଏ ଶେଷ ପର୍ଯ୍ୟନ୍ତ ଅଲ୍ଲାଃଙ୍କ ମାର୍ଗରେ ନିଜର ସତ୍ୟତା ପ୍ରତିପାଳନ କଲେ ।

**(ହକିକତୁଲ୍ ୱହି ରୁହାନି ଖଜାଏନ୍ ଖଣ୍ଡ-୨୨, ପୃଷ୍ଠା-୨୧୦-୨୧୩)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର, ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍, କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର, ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# ତୃତୀୟ ବିଶ୍ୱ ଯୁଦ୍ଧ ପ୍ରତି ଖଲିଫାଙ୍କ ଚେତାବନୀ

ଧାର୍ମିକ କଠୋରବାଦ ଯେଉଁ ସଂକୀର୍ଣ୍ଣତାକୁ ଜନ୍ମ ଦେଇଛି, ତାହା ଆତଙ୍କବାଦ ନାମରେ ଧର୍ମାନ୍ଧତା ଓ ନିଷ୍ଠୁରତାର ରାକ୍ଷସ ସାଜି ଆଜି କେବଳ ଭାରତବର୍ଷ କାହିଁକି ସମଗ୍ର ପୃଥିବୀକୁ ଗ୍ରାସ କରିବାରେ ଲାଗିଛି । ଆଇ.ଏସ୍.ଆଇ.ଏସ, ଅଲ କାଏଦା ଓ ଜେ.ଇ.ଏମ୍. ଇତ୍ୟାଦି ତଥାକଥିତ ଜେହାଦୀ ସଂଗଠନ ନରହନ୍ତା ରାକ୍ଷସ ସାଜି ମାନବିକତା ବିରୁଦ୍ଧରେ କ୍ରୁର ଅଟ୍ଟହାସ୍ୟର ସ୍ପଷ୍ଟ ଚିତ୍ର ଦେଖାଉଛି । ତେଣୁ ଆଜିର ଦୁନିଆ ଏକ ଅଶାନ୍ତ ଝଡର ତାଣ୍ଡବରେ ଦୋଦୁଲ୍ୟମାନ ଅବସ୍ଥା ଦେଇ ଗତି କରୁଛି । ହତିଆରବାଜି ଅସ୍ତ୍ରଶସ୍ତ୍ରର ଯେଉଁ ଝଙ୍କାର ଆରମ୍ଭ ହୋଇଗଲାଣି, ତାକୁ ଅଙ୍କୁଶ ଲଗାଇବା ତ ଦୂରର କଥା, ବିଶ୍ୱର ବଡ ବଡ ଶକ୍ତି ମଧ୍ୟ ଆତଙ୍କବାଦକୁ ସମୂଳେ ବିନାଶ କରିବା ସକାଶେ ଗୋଟିଏ ପ୍ଲାଟଫର୍ମରେ ଏକତ୍ରିତ ହୋଇ ପାରିବେ ନାହିଁ । ବିଶ୍ୱ ଆର୍ଥିକ ସଙ୍କଟ, ଅରାଜକତା, ଦେଶ ଦେଶ ମଧ୍ୟରେ ଗୋଷ୍ଠୀ କନ୍ଦଳ ଓ ଗୃହଯୁଦ୍ଧ ଗୁଡିକରେ ମହାଶକ୍ତି ଗୁଡିକର ଅବାଧ ପ୍ରବେଶ ଓ ଶାନ୍ତି ପ୍ରତିଷ୍ଠା ବାହାନାରେ ଅଯଥା ହସ୍ତକ୍ଷେପ ଇତ୍ୟାଦି ଏହି ସବୁ ସଙ୍କଟ ଜନକ ଘଟଣା ବହୁଳ ପରିସ୍ଥିତି ବିଶ୍ୱ ମାନବ ଜଗତକୁ ପ୍ରଚଣ୍ଡ ଗତିରେ ଭୟାବହ ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ଠେଲି ଦେଇଛି ।

ଏଥିରୁ ଜଣାପଡେ ଯେ ମାନସିକ ଉ□ଜନା ଓ ଜନ ଅସନ୍ତୋଷ ଘନେଇ ଆସୁଥିବା ଦୃଷ୍ଟିରୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ପୂର୍ବାବସ୍ଥା ସହିତ ସାମଞ୍ଜସ୍ୟ ଯୋଗୁଁ ବ□ମାନର ସମୟକୁ ତା' ସହିତ ତୁଳନା କରାଯାଉଛି । ସୁତାରଂ ଚଳିତ ଶତାବ୍ଦୀରେ ତୃତୀୟ ବିଶ୍ୱଯୁଦ୍ଧ ହିଁ ପୃଥିବୀର ଭାଗ୍ୟ ନିର୍ଦ୍ଧାରଣ କରିବାରେ ନିର୍ଣ୍ଣାୟକ ସିଦ୍ଧହେବ । ଏହି ସ୍ଥିତିକୁ ସ୍ପଷ୍ଟ କରିବାକୁ ଯାଇ ଅହମଦୀୟା ଜମାଅତର ସଂସ୍ଥାପକ ଦିବ୍ୟଦ୍ରଷ୍ଟା **ହଜରତ ମିର୍ଜା ଗୁଲାମ ଅହମଦ** (୧୮୩୫-୧୯୦୮) କହିଛନ୍ତି :

'ସଦ୍ୟ ଆବିଷ୍କୃତ ମହା ଶକ୍ତିଶାଳୀ ପରମାଣୁ ଓ ଉଦ୍‌ଜାନ ବୋମା ତଥା ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଦ୍ୱାରା ଏହି ଦୁଇ ମହାମେଂଟ ମଧ୍ୟରେ ଘମାଘୋଟ ଲଢେଇ ହେବ ଓ ସେମାନଙ୍କ ଶକ୍ତି ଛିନ୍ନ ଭିନ୍ନ ହୋଇ ଦୁର୍ବଳ ହୋଇ ପଡିବ । ସେମାନଙ୍କ ସଭ୍ୟତାର ପତନ ଘଟିବ । ଏହି ଯୁଦ୍ଧର ଅବସାନ ପରେ ରୁଷବାସୀ ପାଶ୍ଚାତ୍ୟବାସୀଙ୍କ ଠାରୁ ଅପେକ୍ଷାକୃତ ଶୀଘ୍ର ଦୁର୍ଦ୍ଦଶାରୁ ମୁକ୍ତି ଲାଭ କରିବେ । ରୁଷିଆର ଜନସଂଖ୍ୟା ଅତି ଶୀଘ୍ର ବଢିଯିବ । ..... ଯେଉଁ ଜାତି ଆଜି ପୃଥିବୀରୁ ପରମେଶ୍ୱରଙ୍କ ନାମ ଓ ଆକାଶରୁ ତାଙ୍କର ଅସ୍ତିତ୍ୱ ଲୋପ କରିବାର ଉପାୟ ଅନ୍ୱେଷଣ କରି ଚାଲିଛି, ସେହି ଜାତି ନିଜର ଭୁଲ ବୁଝିପାରି ଅନୁତପ୍ତ ହେବ ଓ ସେମାନେ ଏକେଶ୍ୱରବାଦ ବିଶ୍ୱାସରେ ଦୃଢୀଭୂତ ହେବେ ।'

**(ତଜଲ୍ଲିୟାତେ ଇଲାହିୟା - Divine Manifastation, ପୃ ୩୯, ୧୯୦୬)**

ସନ୍ତ୍ରାସବାଦ ବିରୁଦ୍ଧରେ ସଂଘର୍ଷ ହେଉ ଅବା ଜେହାଦ୍ ନାମରେ ନିରୀହ ମଣିଷଙ୍କ ରକ୍ତପାତ, ସମଗ୍ର ମାନବ ସମାଜ ଆଜି ଆସନ୍ନ ମହାଯୁଦ୍ଧର ବିଭୀଷିକାରେ ଆତଙ୍କିତ ହୋଇ ଧ୍ୱଂସର ତଟ ଦେଶରେ ଛିଡା ହୋଇଛି । ଏପରି ଶଙ୍କାକୁଳ ପରିସ୍ଥିତିରେ ଅହମଦୀୟା ସଂପ୍ରଦାୟର ପ□ମ ଖଲିଫା ହଜରତ୍ ମିର୍ଜା ମସରୁର ଅହମଦ୍ ବିଶ୍ୱର ପ୍ରମୁଖ ଧର୍ମଗୁରୁ ଓ ରାଷ୍ଟ୍ରମୁଖ୍ୟ ମାନଙ୍କୁ ପତ୍ର ଲେଖି ଜଣାଇଛନ୍ତି ଯେ ଶକ୍ତିଶାଳୀ ରାଷ୍ଟ୍ରଗଣ ଶାନ୍ତିରକ୍ଷା ପାଇଁ ଚେଷ୍ଟା ଚଳାଇ ଥିବାର ବାହାନା କରି ନିଜ ଶକ୍ତି ପ୍ରୟୋଗ କରିବା ପରିବ□ କଥାବା□ ଜରିଆରେ ବିବାଦର ସମାଧାନ କରନ୍ତୁ । ନ୍ୟାୟ ଭି□କ ଶାନ୍ତିର ଲକ୍ଷ୍ୟ ନେଇ ପୃଥିବୀକୁ ଏକତ୍ରିତ କରିବା ପାଇଁ କୌଣସି ଯୁଦ୍ଧକ୍ଷେତ୍ର ନୁହେଁ, ଗୋଟିଏ ଟେବୁଲରେ ମିଳିତ ହୋଇ ଭାବ ବିନିମୟ କରିବା ଅଧିକ ଶ୍ରେୟସ୍କର । କାରଣ ଆଉ ଏକ ବିଶ୍ୱଯୁଦ୍ଧର ମୂଳଦୁଆ କେବେଠାରୁ ପଡି ସାରିଲାଣି ।**(ବିଶ୍ୱ ସଂକଟ ଏବଂ ଶାନ୍ତିର ପଥ, ପୃ-୧୭୮, ୨୭୫)**

ଆମର ମହାମାନ୍ୟ ଖଲିଫା 'ହଜରତ ମିର୍ଜା ମସରୁର ଅହମଦ' ବିଶ୍ୱ ଶାନ୍ତି ପ୍ରତି ଆହ୍ୱାନ ଜଣାଇ ଯେଉଁମାନଙ୍କୁ ପତ୍ର ଲେଖିଛନ୍ତି, ସେମାନଙ୍କ ମଧ୍ୟରେ ଅଛନ୍ତି ମହାମାନ୍ୟ ପୋପ, ଆମେରିକା, ଇରାନ ଓ ଫ୍ରାନ୍ସର ରାଷ୍ଟ୍ରପତିଗଣ, କାନାଡା, ବ୍ରିଟେନ, ଇସ୍ରାଇଲ ଓ ଚୀନର ପ୍ରଧାନମନ୍ତ୍ରୀ, ଜର୍ମାନିର ଚାନ୍ସଲର, ସାଉଦି ଆରବର ରାଜା ଓ ଆହୁରି ଅନେକ । ୨୦୧୨ ଜୁନରେ ଆମେରିକାର ସଂସଦ ଭବନ **Capital Hill** ରେ ୧୪୦ରୁ ଅଧିକ ସିନେଟ ଓ କଂଗ୍ରେସମେନ ଏବଂ ଡିସେମ୍ବର ମାସରେ ୟୁରୋପିୟାନ ପାର୍ଲାମେଂଟ୍‌ରେ ୩୦ଟି ୟୁରୋପିୟ ଦେଶର ୨୦୦ରୁ ଅଧିକ ପ୍ରତିନିଧିଙ୍କୁ ଉଦବୋଧନ ଦେଇଥିଲେ, ଯାହା ବିଶ୍ୱ ଇତିହାସରେ ଶାନ୍ତି, ନ୍ୟାୟ ଓ ଭାଇଚାରାର ବାର୍ତାବହନକାରୀ ବୈପ୍ଳବିକ ପ୍ରଚେଷ୍ଟାର ବିରଳ ଘଟଣା ।

ଅହମଦୀୟା ମୁସଲିମ ଜମାଅତ ରାଷ୍ଟ୍ରୀୟ ଏକତା, ଧାର୍ମିକ ସହିଷ୍ଣୁତା, ବିବେକ ସ୍ୱାଧିନତା ତଥା ଚାରିତ୍ରିକ ବିକାଶ କ୍ଷେତ୍ରରେ ବିଶ୍ୱରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଏହାର ମୁଖ୍ୟ ସିଦ୍ଧାନ୍ତ ହେଉଛି : ସରକାରଙ୍କ ଆଜ୍ଞା ପାଳନ, ଦେଶ ପ୍ରେମ, ଧର୍ମ ସଂସ୍ଥାପକମାନଙ୍କ ପ୍ରତି ଯଥୋଚିତ ସମ୍ମାନ, ମାନବଜାତି ପ୍ରତି ସହାନୁଭୂତି ଓ ମାନବସେବା ପରମ ଧର୍ମ । ଏହି ଜମାଅତ ଦୈବୀ ଦୁର୍ବିପାକ ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ **Humanity First** ନାମକ ଏକ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଜରିଆରେ ଜାତି ଧର୍ମ ନିର୍ବିଶେଷରେ ମାନବ ଜାତିର ନିଃସ୍ୱାର୍ଥପର ସେବା କରିବାରେ ପ୍ରସିଦ୍ଧି ଲାଭ କରିଛି । ଏହାର ନୀତିବାଣୀ ହେଉଛି "ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ" ।

ତେବେ ଆତଙ୍କବାଦ ବିରୁଦ୍ଧରେ ଶାନ୍ତିପାଇଁ ପ୍ରଚେଷ୍ଟା ମୂଳକ ସମ୍ମିଳନୀ ସବୁଠାରେ ଅନୁଷ୍ଠିତ ହେଉଛି । ଏଠାରେ ଅହମଦୀୟା ସଂପ୍ରଦାୟର ପରିଚୟ ପ୍ରଦାନ କରି ସମ୍ମିଳନୀର ଆଭିମୁଖ୍ୟ ସମ୍ବନ୍ଧରେ ଉପସ୍ଥିତ ସଭାସଦଗଣଙ୍କୁ ସୂଚନା ଦିଆଯାଇଥାଏ । ସମଗ୍ର ବିଶ୍ୱର ବିଭିନ୍ନ ଭାଗରେ ଏହି ସଂପ୍ରଦାୟ ପକ୍ଷରୁ ଶାନ୍ତି ସମ୍ମିଳନୀ, ଶାନ୍ତି ଆଲୋଚନା ଚକ୍ର, ମାନବତା ଦିବସ, ତଥା ସର୍ବଧର୍ମ ସମନ୍ୱୟ ସମ୍ମିଳନୀ (ଜଲସା ପେଶୱାୟାନେ ମଜାହିବ୍) ଇତ୍ୟାଦି ଆୟୋଜନ କରାଯାଉଛି । ଚଳିତ ବର୍ଷ କାନାଡାରେ ଅକ୍ଟୋବର ମାସରେ ଏକ ଆନ୍ତର୍ଜାତିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଲଣ୍ଡନ ଠାରେ ପ୍ରତି ବର୍ଷ ହେଉଥିବା **Peace symposium** ରେ ଗତ ବର୍ଷ ଭାରତର ବିଶିଷ୍ଟ ସ୍ୱେଚ୍ଛାସେବୀକା ଶ୍ରୀମତୀ ସିନ୍ଧୁ ତାଇଙ୍କୁ ଅହମଦୀୟା **Peace Award** ଦ୍ୱାରା ସମ୍ମାନୀତ କରାଯାଇଥିଲା ।

ବନ୍ଧୁଗଣ ! ସମାଜରେ ସଂପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା ବିନା ଶାନ୍ତି ପ୍ରତିଷ୍ଠା ଅସମ୍ଭବ । ସୁତରାଂ ପବିତ୍ର କୁରଆନରେ କୁହାଯାଇଛି-

'ହେ ମୁସଲମାନମାନେ ! କୌଣସି ଧର୍ମର ଶତ୍ରୁତା ତଥା ସାଂପ୍ରଦାୟୀକ ତିକ୍ତ ମନୋଭାବ ତୁମମାନଙ୍କୁ ପ୍ରକୃତ ନ୍ୟାୟ ପଥରୁ ବିରତ ନ କରୁ ଏବଂ ନ୍ୟାୟକୁ ଛାଡି ଅନ୍ୟଥା କରିବାକୁ କଦାପି ନ ପ୍ରବର୍ତ୍ତାଉ; ପରନ୍ତୁ ତୁମେ ସକଳ ପ୍ରାଣୀ ସହିତ ନ୍ୟାୟ କର ଏବଂ ସାମ୍ୟ ଓ ମୈତ୍ରୀଭାବ ପୋଷଣ କର । ଏହା ହିଁ ତୁମକୁ ଧର୍ମନିଷ୍ଠତାର ଅଧିକ ନିକଟବର୍ତୀ କରାଇବ । **' (ଅଲ୍-ମାଏଦା ୯)**

ସେହିପରି ୨୦୧୩ ମସିହାରେ ବ୍ରିଟିଶ ସାଂସଦ ଭବନରେ ଜମାଅତର ମହାମାନ୍ୟ ଖଲିଫା ଅନ୍ୟ ଏକ ଭାଷଣ ପ୍ରସଙ୍ଗରେ କହିଛନ୍ତି;

'ବିଗତ ଦୁଇଟି ବିଶ୍ୱଯୁଦ୍ଧର ଭୟାବହ ଧ୍ୱଂସଲୀଳା ସମ୍ବନ୍ଧରେ ଆମେମାନେ ଭଲ ଭାବରେ ସଚେତନ ଅଛନ୍ତି । ଅଥଚ ପରିତାପର ବିଷୟ ହେଉଛି ଯେ କେତେକ ଦେଶର ଜଟିଳ ଶାସନ ନୀତି ଓ ଗର୍ହିତ ଆଚରଣ ପୃଥିବୀର ଦିଗ୍‌ବଳୟରେ ଅନ୍ୟ ଏକ ବିଶ୍ୱଯୁଦ୍ଧର ଆଭାସ ଦେଉଛି । ଏହି ବିଶ୍ୱଯୁଦ୍ଧ ଏକ ଆଣବିକ ତଥା ପାରମାଣବିକ ଯୁଦ୍ଧରେ ହିଁ ପରିଣତ ହେବ । ପୃଥିବୀ ଆଜି ଯେଉଁ ଆଡକୁ ଗତି କରୁଛି, ତହିଁରେ ନିଶ୍ଚିତ ଭାବରେ ଏପରି ଏକ ମହାଯୁଦ୍ଧ ଲାଗି ଯିବାର ଆଶଙ୍କା ଦେଖା ଦେଇଛି ।'

ଏହାର ଭୟାବହ ପରିଣତିରୁ ରକ୍ଷା ପାଇବା ପାଇଁ ବିଶ୍ୱ ନିୟନ୍ତା ଜୀବିତ ଈଶ୍ୱରଙ୍କ ସହିତ ଯୋଗ ସୂତ୍ର ସ୍ଥାପନ କରିବା ତଥା ମାନବ ଜାତି ପ୍ରତି ରହିଥିବା ଆମର କର୍ତବ୍ୟ ପାଳନ କରିବାକୁ ହେବ ସେଥିପାଇଁ ଆମେ ନ୍ୟାୟ,ସାଧୁତା ଓ ସ୍ୱଚ୍ଛତାର ପଥ ଅବଲମ୍ବନ କରିବା ଉଚିତ । ଏହା ମାନ୍ୟବର ଖଲିଫା ଲଣ୍ଡନ ସ୍ଥିତ ଗିଲ୍ଡ ହଲଠାରେ ୨୦୧୪, ଫେବୃଆରୀ ୧୧ ତାରିଖ ଦିନ ଅନୁଷ୍ଠିତ ହୋଇଥିବା ବିଶ୍ୱଧର୍ମ ସମ୍ମିଳନୀ ଅବସରରେ "ଏକବିଂଶ ଶତାବ୍ଦୀରେ ଈଶ୍ୱରଙ୍କ ଭୂମିକା" ଶୀର୍ଷକ ପ୍ରସଙ୍ଗ ଉପରେ ବିଶ୍ୱନେତା ମାନଙ୍କୁ ଉଦବୋଧନ ଦେଇ କହିଥିଲେ ।

ଆସନ୍ତୁ, ଆମେମାନେ ଏହି ସଂକଳ୍ପ ନେବା ଯେ ଆମେ ସମସ୍ତେ ଏକଜୁଟ ହୋଇ ହିଂସା ଓ ଘୃଣାକୁ ପ୍ରସାର କରୁଥିବା ସେହିସବୁ ଗୋଷ୍ଠୀ ବା ସଂଗଠନ ବିରୁଦ୍ଧରେ ସ୍ୱର ଉତୋଳନ କରିବା ଏବଂ ଯେଉଁମାନେ ପୃଥିବୀରେ ଶାନ୍ତି ନଷ୍ଟ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ଦୃଢ ହସ୍ତରେ ଦମନ କରିବା ଏକାନ୍ତ ଅପରିହାର୍ଯ୍ୟ । ମାନବୀୟ ଏକତା ଓ ଏକେଶ୍ୱର ବାଦର ପ୍ରତିଷ୍ଠା ପାଇଁ ଜମାଅତ ଅହମଦୀୟାର ପାଦ ସହିତ ପାଦ ମିଳାଇ ଯଦି ଆମେ ଏହି ଅଭିଯାନରେ ସାମିଲ ନ ହେବା ଏବଂ ଯଦି ଏବେ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ଓ ମୂଳ ବାସ୍ତବିକତାକୁ ପାଶୋରି ଦେବା, ତାହେଲେ ଆତଙ୍କବାଦର ମୂଳୋତ୍ପାଟନ ଓ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ କୌଣସି ପ୍ରତିଶ୍ରୁତି ବଦ୍ଧତାର ମୂଲ୍ୟ ରହିବ ନାହିଁ ।

**ଇଂ ରୌଶନ ଖାନ**
ଅଧକ୍ଷ ରିଭ୍ୟୁ କମିଟି, ଓଡିଶା
ସମ୍ବଲପୁର
**ମୋ:୯୪୩୭୬୮୪୮୫୯**

# ଖୁତ୍‌ବା ଜୁମା

◆ କିଛି ଲୋକ ମନେ କରୁଛନ୍ତି କି ଧର୍ମ ସେମାନଙ୍କ ସ୍ୱାଧୀନତା କୁ ଛିନ୍ନ କରୁଅଛି ଏବଂ ସେମାନଙ୍କ ଉପରେ କଟକଣା ଲଗାଉଛି । କିନ୍ତୁ ଅଲ୍ଲାଃତାଲା ପବିତ୍ର କୋରାନରେ କୁହନ୍ତି **ୱମା ଜାଅଲା ଆଲୈକୁମ୍ ଫିଦ୍ ଦିନି ମିନ୍ ଖରଜ୍** ଅର୍ଥାତ ଧର୍ମ ସଂକ୍ରାନ୍ତରେ ତୁମମାନଙ୍କ ସକାଶେ କୌଣସି ଜଟିଳତା ରଖି ନାହାନ୍ତି ବରଂ ଶରିୟତର ଉଦ୍ଦେଶ୍ୟ ମଣିଷର ଭାର ହାଲୁକା କରିବା ଏବଂ କେବଳ ଏତିକି ନୁହେଁ ବରଂ ତାହାକୁ ସମସ୍ତ ପ୍ରକାରର ବିପଦ ଓ ଅସୁବିଧାରୁ ରକ୍ଷା କରିବା ଅଟେ ।

◆ ଅତଏବ ଅଲ୍ଲାଃତାଲା ଉକ୍ତ ପଂକ୍ତିରେ ସ୍ପଷ୍ଟ କରି ଦେଇଛନ୍ତି ଯେ ଇସଲାମୀୟ ଶିକ୍ଷାରେ ଏଭଳି କୌଣସି ଆଦେଶ ନାହିଁ ଯାହାକି ତୁମକୁ ଅସୁବିଧାରେ ପକାଇବ ବରଂ ଏହାର ପ୍ରତ୍ୟେକ ଛୋଟରୁ ଛୋଟ ଓ ବଡ଼ରୁ ବଡ଼ ଆଦେଶ ମାନବ ଜାତି ନିମନ୍ତେ ଦୟା, କରୁଣା ଓ ବରକତ୍ ଅଟେ । ସୁତରାଂ ମଣିଷର ଚିନ୍ତାଧାରା ଭୁଲ ହୋଇପାରେ କିନ୍ତୁ ଅଲ୍ଲାଃତାଲାଙ୍କ ବଚନ କଦାପି ଭୁଲ ହୋଇ ପାରେନା ।

◆ କେତେକ କଥା ଛୋଟ ମନେହୋଇଥାଏ, କିନ୍ତୁ ସମୟ କ୍ରମେ ତାହାକୁ ଛୋଟ ମନେ କରିବାର ପରିଣାମ ବେଶ୍ ଭୟଙ୍କର ହୋଇଥାଏ । ସୁତରାଂ କୌଣସି ଆଦେଶକୁ ଜଣେ ମୋମିନ କଦାପି ଛୋଟ ମଣିବା ଉଚିତ୍ ନୁହେଁ ।

◆ ପ୍ରଥମ କଥା ଆମ୍ଭକୁ ସର୍ବଦା ମନେରଖିବା ଉଚିତ୍ ଯେ, ଯଦି ଆମ୍ଭକୁ ଧର୍ମକୁ ପ୍ରାଥମିକତା ଦେବାର ଅଛି ତେବେ ଆମ୍ଭକୁ ଧାର୍ମିକ ଶିକ୍ଷା ମୁତାବିକ୍ ଅମଳ କରିବାକୁ ହେବ । ଯଦି ଆମେ ମୁସଲମାନ ହେବାର ଘୋଷଣା କରୁଅଛେ ଏବଂ ଧର୍ମ ମାର୍ଗରେ ପ୍ରତିଷ୍ଠିତ ଅଛେ ତେବେ ନିଜକୁ ଧାର୍ମିକ ସୀମା ମଧ୍ୟରେ ଆବଦ୍ଧ ରଖିବା ଅନିର୍ବାର୍ଯ୍ୟ ।

◆ ଅଲ୍ଲାଃ ଓ ରସୁଲଙ୍କ ଆଦେଶ ମୁତାବକ ଅମଳ କରିବା ଜରୁରୀ । ଦେଖ ହଜରତ ମହମ୍ମଦ ସ.ଆ କହିଛନ୍ତି ଲଜ୍ୟା ବିଶ୍ୱାସର ଏକ ଅଂଶ । ସୁତରାଂ ସମ୍ପୂର୍ଣ୍ଣ ରୂପେ ଶରୀରକୁ ଢାଙ୍କୁଥିବା ପୋଷାକ ପରିଧାନ କରି ନିଜ ବିଶ୍ୱାସର ରକ୍ଷା କରିବା ଆବଶ୍ୟକ ।

◆ ଆଜିକାଲି ସମାଜରେ ଯେଉଁ ଅପକର୍ମ ଦେଖାଯାଉଛି ତାହାର ଗୋଟିଏ ଗୋଟିଏ ଶବ୍ଦ ହଜରତ ମସିହ ମଉଦ ଆ.ସଙ୍କ ସତ୍ୟତା ପ୍ରମାଣିତ କରୁଅଛି । ସୁତରାଂ ପ୍ରତ୍ୟେକ ଅହେମଦି ପୁଅ, ଝିଅ, ପୁରୁଷ ଓ ମହିଳା ନିଜ ଲାଯର ସ୍ତର ବୃଦ୍ଧି କରିବା ସହିତ ସମାଜର ଖରାପ ପ୍ରଭାବରୁ ଦୂରେଇ ରହିବା ନିମନ୍ତେ ଚେଷ୍ଟା କରିବା ଉଚିତ୍ । ଏହା ପିତାମାତା ଓ ବିଶେଷ କରି ମାମାନଙ୍କର କର୍ତବ୍ୟ ଯେ ନିଜ ପିଲାମାନଙ୍କୁ ଛୋଟ ବେଳୁ ଇସଲାମୀୟ ଶିକ୍ଷା ଓ ସମାଜର ଅପକର୍ମ ସମ୍ବନ୍ଧରେ ଅବଗତ କରାଇବା ଉଚିତ୍ । ତେବେ ଯାଇ ସେମାନଙ୍କ ସନ୍ତାନମାନେ ଧର୍ମରେ ପ୍ରତିଷ୍ଠିତ ରହିବା ସହିତ ନାମକୁ ମାତ୍ର ବିକାଶ ଶୀଳ ସମାଜର ବିସାକ୍ତକର ପରିବେଶର ପ୍ରଭାବରୁ ସୁରକ୍ଷିତ ରହିପାରିବେ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୧୩ ଜାନୁଆରୀ ୨୦୧୭ ଅନୁଯାୟୀ ୧୩ ସୁଲାହ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ ـ بِسْمِ اللّٰهِ الرَّحْمٰنِ الرَّحِيمِ
اَلْحَمْدُ لِلّٰهِ رَبِّ الْعَالَمِينَ ـ اَلرَّحْمٰنِ الرَّحِيمِ ـ مٰلِكِ يَوْمِ الدِّينِ ـ إِيَّاكَ نَعْبُدُ وَإِيَّاكَ نَسْتَعِينُ ـ
اِهْدِنَا الصِّرَاطَ الْمُسْتَقِيمَ ـ صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ ـ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନୱର ଅ:ବ କହିଲେ – କିଛି ଲୋକ ମନେ କରୁଛନ୍ତି କି ଧର୍ମ ସେମାନଙ୍କ ସ୍ୱାଧୀନତା କୁ ଛିନ୍ନ କରୁଅଛି ଏବଂ ସେମାନଙ୍କ ଉପରେ କଟକଣା ଲଗାଉଛି । କିନ୍ତୁ ଅଲ୍ଲାଃତାଲା ପବିତ୍ର କୋରାନରେ କୁହନ୍ତି **ୱମା ଜାଅଲା ଆଲୈକୁମ୍ ଫିଦ୍ ଦିନି ମିନ୍ ହରଜ୍** (ଅଲହ୍‌ୟ:୭୯) । ଅର୍ଥାତ ଧର୍ମ ସଂକ୍ରାନ୍ତରେ ତୁମମାନଙ୍କ ସକାଶେ କୌଣସି ଜଟିଳତା ରଖି ନାହାନ୍ତି ବରଂ ଶରିୟତର ଉଦ୍ଦେଶ୍ୟ ମଣିଷର ଭାର ହାଲୁକା କରିବା ଏବଂ କେବଳ ଏତିକି ନୁହେଁ ବରଂ ତାହାକୁ ସମସ୍ତ ପ୍ରକାରର ବିପଦ ଓ ଅସୁବିଧାରୁ ରକ୍ଷା କରିବା ଅଟେ । ଅତଏବ ଅଲ୍ଲାଃତାଲା ଉକ୍ତ ପଂକ୍ତିରେ ସ୍ପଷ୍ଟ କରି ଦେଇଛନ୍ତି ଯେ ଇସଲାମୀୟ ଶିକ୍ଷାରେ ଏଭଳି କୌଣସି ଆଦେଶ ନାହିଁ ଯାହାକି ତୁମକୁ ଅସୁବିଧାରେ ପକାଇବ ବରଂ ଏହାର ପ୍ରତ୍ୟେକ ଛୋଟରୁ ଛୋଟ ଓ ବଡ଼ରୁ ବଡ଼ ଆଦେଶ ମାନବ ଜାତି ନିମନ୍ତେ ଦୟା, କରୁଣା ଓ ବରକତ୍ ଅଟେ । ସୁତରାଂ ମଣିଷର ଚିନ୍ତାଧାରା ଭୁଲ ହୋଇପାରେ କିନ୍ତୁ ଅଲ୍ଲାଃତାଲାଙ୍କ ବଚନ କଦାପି ଭୁଲ ହୋଇ ପାରେନା । ଯଦି ଅଲ୍ଲାଃଙ୍କ ସୃଷ୍ଟି ହୋଇ ଆମ୍ଭେ ତାଙ୍କ ଆଦେଶ ପାଳନ କରିବା ନାହିଁ ତେବେ ନିଜର କ୍ଷତି କରିବା । ଯଦି ମଣିଷ ଏହି ବିଷୟରେ ଚିନ୍ତା ନକରେ ତେବେ ପ୍ରାରମ୍ଭରୁ ସଇତାନ ମଣିଷକୁ ପଥଭ୍ରଷ୍ଟ କରିବାର ଯେଉଁ ପ୍ରଣ କରିଥିଲା, ସେ ନିଶ୍ଚିତ ନିଜ ଚେଷ୍ଟାରେ ସଫଳ ହୋଇଯିବ । ସୁତରାଂ ଯଦି ତାହାର ଆକ୍ରମଣରୁ ନିଜକୁ ରକ୍ଷା କରିବାର ଅଛି ତେବେ ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଳ କରିବା ଅନିର୍ବାର୍ଯ୍ୟ । କେତେକ କଥା ଛୋଟ ମନେହୋଇଥାଏ, କିନ୍ତୁ ସମୟ କ୍ରମେ ତାହାକୁ ଛୋଟ ମନେ କରିବାର ପରିଣାମ ବେଶ୍ ଭୟଙ୍କର ହୋଇଥାଏ । ସୁତରାଂ କୌଣସି ଆଦେଶକୁ ଜଣେ ମୋମିନ କଦାପି ଛୋଟ ମଣିବା ଉଚିତ୍ ନୁହେଁ । ଆଜି ଆମେ ଦେଖୁଅଛେ ଯେ ବିଶ୍ୱର ଅଧିକାଂଶ ଲୋକ ଧର୍ମରୁ ଦୂରେଇ ଚାଲିଚାଲିଛନ୍ତି । ତେଣୁ ସେମାନଙ୍କ ଭଲ ଓ ଖରାପର ସ୍ତରରେ ମଧ୍ୟ ପରିବର୍ତନ ଘଟିଚାଲିଛି । ଉଦାହରଣ ସ୍ୱରୂପ ବର୍ତମାନ ଯୁଗରେ ଆମେ ଦେଖୁଅଛୁ ଯେ ସ୍ୱାଧୀନତା ଓ ଫେସନ୍ ନାମରେ ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ଅଶ୍ଳୀଳତା ବଢିଚାଲିଛି । ଉନ୍ନତି କରିବା ନାମରେ ମୁକ୍ତ ଭାବରେ ନିର୍ଲଯତା ପ୍ରଦର୍ଶନ କରାଯାଉ ଅଛି । ଲାଜ, ଶରମ୍ ଯେପରି ଉଠିଗଲାଣି । ଏହାର ପ୍ରଭାବ ଆମ ପିଲାମାନଙ୍କ ଉପରେ ମଧ୍ୟ ପଡୁଅଛି । କେତେକ ପିଲା ଯୌବନରେ ପାଦ ଦେଲା ପରେ ମୋତେ ପତ୍ର ଲେଖୁଥାନ୍ତି କି ଇସଲାମରେ ପରଦା କାହିଁକି ଜରୁରୀ ଅଟେ ? କାହିଁକି ଆମେ ସଂକୀର୍ଣ୍ଣ ଜିନ୍ ପ୍ୟାଂଟ୍ ଓ ବ୍ଲାଉଜ ଅବା କୋଟ ବିନା ବୁରକାରେ ପରିଧାନ କରି ବାହରକୁ ବାହାରି ପାରିବୁ ନାହିଁ । ପ୍ରଥମ କଥା ଆମ୍ଭକୁ ସର୍ବଦା ମନେରଖିବା ଉଚିତ୍ ଯେ, ଯଦି ଆମ୍ଭକୁ ଧର୍ମକୁ ପ୍ରାଥମିକତା ଦେବାର ଅଛି ତେବେ ଆମ୍ଭକୁ ଧାର୍ମିକ ଶିକ୍ଷା ମୁତାବିକ୍ ଅମଳ କରିବାକୁ ହେବ । ଯଦି ଆମେ ମୁସଲମାନ ହେବାର ଘୋଷଣା କରୁଅଛେ ଏବଂ ଧର୍ମ ମାର୍ଗରେ ପ୍ରତିଷ୍ଠିତ ଅଛେ ତେବେ ନିଜକୁ ଧାର୍ମିକ ସୀମା ମଧ୍ୟରେ ଆବଦ୍ଧ ରଖିବା ଅନିର୍ବାର୍ଯ୍ୟ । ଅଲ୍ଲାଃ ଓ ରସୁଲଙ୍କ ଆଦେଶ ମୁତାବକ ଅମଳ କରିବା ଜରୁରୀ । ଦେଖ ହଜରତ ମହମ୍ମଦ ସ.ଆ କହିଛନ୍ତି ଲଜ୍ୟା ବିଶ୍ୱାସର ଏକ ଅଂଶ । *(ସହି ବୁଖାରୀ କିତାବୁଲ୍ ଇମାନ୍ ବାବ୍ ଉମୁରୁଲ୍ ଇମାନ୍ ହଦିସ୍-୯)*

ସୁତରାଂ ସମ୍ପୂର୍ଣ୍ଣ ରୂପେ ଶରୀରକୁ ଢାଙ୍କୁଥିବା ପୋଷାକ ପରିଧାନ କରି ନିଜ ବିଶ୍ୱାସର ରକ୍ଷା କରିବା ଆବଶ୍ୟକ । ଯଦି ବିକାଶସୀଳ ରାଷ୍ଟ୍ରମାନେ ସ୍ୱାଧୀନତା ଓ ଉନ୍ନତି ନାମରେ ନିର୍ଲଯତା ପ୍ରଦର୍ଶନ କରୁଛନ୍ତି ତେବେ ଏହାର କାରଣ ସେମାନେ ଧର୍ମଠାରୁ ଦୂରେଇ ଯାଇଛନ୍ତି । ଅତଏବ ଜଣେ ଅହେମଦି କନ୍ୟା ଯେ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରି ଏହି ପ୍ରତିଶୃତୀ କରିଥାଏ କି ସେ ସର୍ବଦା ଧର୍ମକୁ ପ୍ରାଥମିକତା ଦେବ ଏବଂ ଏହା ପ୍ରତ୍ୟେକ ଅହେମଦି ପୁରୁଷ ଓ ମହିଳା ମଧ୍ୟ କରିଥାନ୍ତି । କିନ୍ତୁ ଏହା ସେତେବେଳେ ବାସ୍ତବରେ ସମ୍ଭବ ହେବ ଯେତେବେଳେ ଆମେ ଧାର୍ମିକ ଶିକ୍ଷା ମୁତାବକ ଅମଳ କରିବାକୁ ଚେଷ୍ଟା କରିବା । ଏହା ଆମ୍ଭର ସୌଭାଗ୍ୟ ଯେ ହଜରତ ମସିହ ମଉଦ ଆ.ସ ଆମ୍ଭକୁ ପ୍ରତ୍ୟେକ କଥା ଖୋଲା ଖୋଲି ଭାବରେ ଦର୍ଶାଇ ଦେଇଛନ୍ତି । ତେବେ ଏହି ନିର୍ଲଜ ପଣିଆ ଓ ପରଦା ନକରିବା ସମ୍ବନ୍ଧରେ ଆପଣ କୁହନ୍ତି ୟୁରୋପବାସୀଙ୍କ ପରି ଆମ ଦେଶର ଲୋକେ ପୋଷାକ ପରିଧାନ କରିବା ପ୍ରତି ବିଶେଷ ଧ୍ୟାନ ଦେଲେଣି କିନ୍ତୁ ଏହା ଉଚିତ୍ ନୁହେଁ । ଏହା ମହିଳାମାନଙ୍କୁ ସ୍ୱାଧୀନତା ପ୍ରଦାନ କରିବା ପରିବର୍ତେ ସେମାନଙ୍କ ସମ୍ମାନହାନୀ ଓ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବାର ମୂଳମନ୍ତ୍ର ସାଜିଥାଏ । ଅନୁମାନ କର ଯେଉଁ ଦେଶମାନଙ୍କରେ (ମହିଳାମାନଙ୍କୁ) ଏପରି ସ୍ୱାଧୀନତା ପ୍ରଦାନ କରାଯାଇଛି ସେହି

ଦେଶମାନଙ୍କ ଚାରିତ୍ରିକ ସ୍ତରର କିଭଳି ଅବନତି ଘଟିଚାଲିଛି । ଯଦି ମହିଳାମାନଙ୍କ ସ୍ୱାଧୀନତା ଓ ପରଦା ନକରିବାରେ ସେମାନଙ୍କ ମର୍ଜାଦା ଓ ପବିତ୍ରତା ବୃଦ୍ଧି ଘଟିଥାଏ ତେବେ ଆମେ ସ୍ୱୀକାର କରିନେବୁ ଯେ, ଆମେ ଭ୍ରମରେ ଥିଲୁ କିନ୍ତୁ ଏହା ସମ୍ପୂର୍ଣ୍ଣ ସ୍ପଷ୍ଟ ଯେ ଯେତେବେଳେ ପୁଅ ଓ ଝିଅ ସାବାଳକ ହୋଇଯାନ୍ତି ଏବଂ ସେମାନେ ସ୍ୱତନତା ରକ୍ଷା ଓ ପରଦା ନକରନ୍ତି ତେବେ ଚିନ୍ତାକର ସେମାନଙ୍କ ସମ୍ପର୍କ କିଭଳି ଭୟଙ୍କର ହେବ । ମହିଳାମାନଙ୍କୁ ଖରାପ ଦୃଷ୍ଟିରେ ଦେଖିବା ତଥା ନିଜ କାମନାର ବଶବର୍ତୀ ହେବା ମଣିଷର ପ୍ରକୃତିରେ ରହିଛି । ପୁଣି ଯେତେବେଳେ ପରଦା କରିବାର ସୀମାଲଙ୍ଘନ କରାଯାଏ ଓ ଅପକର୍ମର ଶୀକାର ହୁଅନ୍ତି ତେବେ ସ୍ୱାଧୀନତା ମିଳିଲେ କଣ ବା ନକରିବେ । ପୁରୁଷମାନଙ୍କୁ ଲକ୍ଷ କର ସେମାନେ କିଭଳି ଲଗାମ ହିନ ଘୋଡ଼ା ପରି ହୋଇଗଲେଣି । ନା ସେମାନଙ୍କ ହୃଦୟରେ ଈଶ୍ୱର ଭୟ ଅଛି ନା ଅନ୍ତିମ ଦିବସ ପ୍ରତି ସେମାନଙ୍କର ବିଶ୍ୱାସ ରହିଛି । ସାଂସାରିକ ଭୋଗବିଳାସକୁ ନିଜର ଉପାସ୍ୟ ମନେକରି ବସିଛନ୍ତି । ସୁତାରଂ ଏହି ସ୍ୱାଧୀନତା ଓ ପରଦା ନକରିବାର ଚିନ୍ତାଧାରାକୁ ଦୂର କରିବା ପୂର୍ବରୁ ସର୍ବ ପ୍ରଥମେ ଆମକୁ ପୁରୁଷମାନଙ୍କ ଚାରିତ୍ରିକ ଅବସ୍ଥାର ସୁଧାର ପ୍ରତି ଯତ୍ନବାନ ହେବାକୁ ପଡ଼ିବ । ଯଦି ଏହା ବାସ୍ତବରେ ପରିଣତ ହୁଏ ତେବେ ପୁରୁଷମାନେ ସେମାନଙ୍କ ଇନ୍ଦ୍ରିୟ ଉଗ୍ରତା ଦ୍ୱାରା ନାଶ ହେବାରୁ ରକ୍ଷା ପାଇଯିବେ । ନଚେତ୍ ବର୍ତମାନର ପରିସ୍ଥିତି ଯାହା ଏଥିରେ ମହିଳାମାନଙ୍କ ସ୍ୱାଧୀନତା ଓ ପରଦା ନକରିବାକୁ ପ୍ରୋତ୍ସାହିତ କରିବା ଏପରି ଅଟେ ଯେମିତି ଛେଳିମାନଙ୍କୁ ହିଂସ୍ର ବାଘ ସମ୍ମୁଖରେ ଛାଡ଼ିଦେବା । ଲୋକମାନଙ୍କୁ କଣ ହୋଇଯାଇଛି କି ସେମାନେ କୌଣସି କଥାର ପରିଣାମ ସମ୍ବନ୍ଧରେ ଚିନ୍ତା କରୁନାହାନ୍ତି । ଅତି କମ୍‌ରେ ନିଜ ନିମ୍ନ ବୁଦ୍ଧିର ପ୍ରୟୋଗ କରି ବୁଝିବାକୁ ଚେଷ୍ଟା କରନ୍ତୁ ଯେ କଣ ପୁରୁଷମାନଙ୍କ ଅବସ୍ଥା ଏପରି (ବିଶ୍ୱାସ) ଯୋଗ୍ୟ କି ସେମାନଙ୍କ ସମ୍ମୁଖରେ ମହିଳାମାନଙ୍କୁ ବିନା ପରଦାରେ ଛିଡ଼ା କରିଦେବା । ''

**(ମଲଫୁଜାତ୍ ଖଣ୍ଡ-୭, ପୃଷ୍ଠା-୧୩୪-୧୩୫, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)**

ଆଜିକାଲି ସମାଜରେ ଯେଉଁ ଅପକର୍ମ ଦେଖାଯାଉଛି ତାହାର ଗୋଟିଏ ଗୋଟିଏ ଶବ୍ଦ ହଜରତ ମସିହ ମଉଦ ଆ.ସଙ୍କ ସତ୍ୟତା ପ୍ରମାଣିତ କରୁଅଛି । ସୁତରାଂ ପ୍ରତ୍ୟେକ ଅହେମଦି ପୁଅ, ଝିଅ, ପୁରୁଷ ଓ ମହିଳା ନିଜ ଲାଯର ସ୍ତର ବୃଦ୍ଧି କରିବା ସହିତ ସମାଜର ଖରାପ ପ୍ରଭାବରୁ ଦୂରେଇ ରହିବା ନିମନ୍ତେ ଚେଷ୍ଟା କରିବା ଉଚିତ୍ । ଏହା ପିତାମାତା ଓ ବିଶେଷ କରି ମାମାନଙ୍କର କର୍ତବ୍ୟ ଯେ ନିଜ ପିଲାମାନଙ୍କୁ ଛୋଟ ବେଳୁ ଇସଲାମୀୟ ଶିକ୍ଷା ଓ ସମାଜର ଅପକର୍ମ ସମ୍ବନ୍ଧରେ ଅବଗତ କରାଇବା ଉଚିତ୍ । ତେବେ ଯାଇ ସେମାନଙ୍କ ସନ୍ତାନମାନେ ଧର୍ମରେ ପ୍ରତିଷ୍ଠିତ ରହିବା ସହିତ ନାମକୁ ମାତ୍ର ବିକାଶ ଶୀଳ ସମାଜର ବିସାକ୍ତକର ପରିବେଶର ପ୍ରଭାବରୁ ସୁରକ୍ଷିତ ରହିପାରିବେ । ଏହି ଦେଶମାନଙ୍କରେ ରହି ବାପ ମା ମାନେ ପିଲାମାନଙ୍କୁ ଧର୍ମ ସହିତ ସମ୍ପର୍କ ରଖିବା ଏବଂ ଲଜ୍ଜାର ସୁରକ୍ଷା ପାଇଁ ଅତ୍ୟଧିକ ଯିହାଦ୍ କରିବା ଉଚିତ୍ । ସେଥିପାଇଁ ନିଜ ନମୁନା ମଧ୍ୟ ଦେଖାଇବାକୁ ପଡ଼ିବ ।

ବିଗତ ଦିନ ଜଣେ କନ୍ୟା ମୋତେ ପତ୍ର ଲେଖିଲେ ଯେଉଁଥିରେ ସେ ଲେଖିଥିଲେ କି ମୁଁ ବେଶ୍ ଶିକ୍ଷିତ ହୋଇଗଲିଣି । ମୁଁ ଆଶାବାଦୀ ଯେ ମୋତେ ବ୍ୟାଙ୍କରେ ଏକ ଭଲ ପଦ ମିଳିଯିବ । ମୁଁ ପଚାରିବା କୁ ଚାହୁଁଛି ଯେ ଯଦି ମୋତେ ସେଠାରେ ବୁରକା ପିନ୍ଧିବାରୁ ବାରଣ କରାଯାଏ ଓ କୋଟ ମଧ୍ୟ ପିନ୍ଧିବାକୁ ମନା କରନ୍ତି । ତେବେ କଣ ଏପରି ଅବସ୍ଥାରେ ମୁଁ ସେଠାରେ କାର୍ଯ୍ୟ କରିପାରିବି ? ଅବଶ୍ୟ ମୁଁ ବ୍ୟାଙ୍କରୁ କାମ ସାରି ବାହାରିବା ସମୟରେ ବୁରକା ପିନ୍ଧିନେବି । ସେ କୁହନ୍ତି କି ମୁଁ ଶୁଣିଛି ଆପଣ କହିଥିଲେ କି କର୍ମଜିବୀ ମହିଳାମାନେ ନିଜ କର୍ମକ୍ଷେତ୍ରରେ ବିନା ବୁରକାରେ କାର୍ଯ୍ୟ ସମ୍ପାଦନ କରିପାରିବେ । ଉକ୍ତ ପିଲା ମଧ୍ୟରେ ଏତିକି ଭଲ ଗୁଣ ରହିଛି କି ସେ ଏସବୁ ଦର୍ଶାଇବା ପରେ ଶେଷରେ ଉଲ୍ଲେଖ କରିଥିଲେ କି ଯଦି ଆପଣ ମନା କରନ୍ତି ତେବେ ମୁଁ ଏପରି ଅନୁଷ୍ଠାନରେ କାମ କରିବି ନାହିଁ ।

ହଜୁର ଅନଓ୍ୱର ଅ.ବ କହିଲେ- ଏହା ଗୋଟିଏ ନୁହେଁ ବରଂ ଅନେକ ଝିଅମାନଙ୍କ ପ୍ରଶ୍ନ ଅଟେ । ଦେଖ ମହିଳା ଡ଼ାକ୍ତରମାନଙ୍କୁ କେତେକ ପରିସ୍ଥିତିରେ ବୁରକା ପିନ୍ଧି କାମ କରିବାରେ ଅସୁବିଧା ହୋଇଥାଏ । ଯେପରିକି ଅସ୍ତ୍ରୋପଚାର ସମୟରେ କିନ୍ତୁ ସେଠାରେ ମଧ୍ୟ ସେମାନେ ଏପରି ପୋଷାକ ପରିଧାନ କରିଥାନ୍ତି ଯେମିତି ମୁଣ୍ଡରେ ଟୋପି ମୁହଁରେ ମୁଖା ଓ ଶରୀରରେ ଢିଲା ପୋଷାକ ଏତତ୍ ବ୍ୟତୀତ ଡ଼ାକ୍ତରମାନେ ମଧ୍ୟ ପରଦା ଆଢୁଆଳରେ କାମ କରିପାରନ୍ତି । ରବଓ୍ୱାରେ ଆମର ଜଣେ ଡ଼ାକ୍ତର ଥିଲେ ଶ୍ରୀମତି ଫହ୍‌ମିଦାଃ ସାହେବା । ଯାହାଙ୍କୁ ଆମେ ସର୍ବଦା ପରଦା ଆଢୁଆଳରେ ଦେଖିଥାଉ । ଡ଼ାଃ ନୁସରତ ଜାହାଁ ମଧ୍ୟ ପରଦା କରିବାରେ ବେଶ୍ ଦୃଢ ଥିଲେ । ଏଠାରୁ ସେ ମଧ୍ୟ ଶିକ୍ଷା ହାସଲ କରିଛନ୍ତି ଏବଂ ପ୍ରତ୍ୟେକ ବର୍ଷ ନିଜର ସାମର୍ଥ୍ୟକୁ ନୂଆ ରିସର୍ଚ ମୁତାବକ ଢ଼ାଳିବା ପାଇଁ ଏଠି ଲଣ୍ଡନ ମଧ୍ୟ ଆସନ୍ତି । କିନ୍ତୁ ସବୁବେଳେ ପର୍ଦାରେ ରୁହନ୍ତି । ବରଂ କହିବାକୁ ଗଲେ ସେ ପର୍ଦାର ଜରୁରତ୍ ଠାରୁ ଅଧିକ ପାବନ୍ଧ ଥିଲେ । ତାଙ୍କ ଉପରେ ଏଠାରେ କୌଣସି ପ୍ରକାର ଆରୋପ କରାଯାଇନଥିଲା ନା ତାଙ୍କ କାମ ଉପରେ କୌଣସି ଆକ୍ଷେପ କରାଯାଇଥିଲା ନା ତାଙ୍କ ପେଶାର କାର୍ଯ୍ୟରେ କୌଣସି ଫରକ୍ ପଡ଼ିଥିଲା । ସେ ତ ବହୁତ ବଡ଼ ବଡ଼ ଅପରେସନ୍ କରିଛନ୍ତି । ଯଦି ଧର୍ମୀୟ ଶିକ୍ଷା ଉପରେ ଚାଲିବା ପାଇଁ ନିୟତ (ପ୍ରତିଜ୍ଞା) ରହିବ ତାହାଲେ ରାସ୍ତା ଆପେ ଆପେ ମିଳିଯିବ ।

ଏହିପରି ମୁଁ ଗବେଷକମାନଙ୍କୁ ମଧ୍ୟ କହିଥିଲି ଯେ ଯେଉଁମାନେ ଏପରି ଦକ୍ଷ ଅଟନ୍ତି କି ବିଜ୍ଞାନଗାରରେ ବସି ଗବେଷଣା କରୁଛନ୍ତି ଏବଂ ସେଠାରେ ସେମାନଙ୍କୁ ବିଶେଷ ପୋଷାକ ପରିଧାନ କରିବାକୁ ପଡ଼ିଥାଏ । ତେବେ ନିଃସନ୍ଦେହ ସେଠାରେ ବୁରକା ନକରିପାରନ୍ତି । ସେଠାରେ ମଧ୍ୟ ସେମାନଙ୍କୁ ଟୋପି ଆଦି ପିନ୍ଧା ଯାଇଥାଏ । କିନ୍ତୁ ସେଠାରୁ ବାହାରିବା ପରେ ବୁରକା ପିନ୍ଧି ନେବା ଉଚିତ୍, ଯାହାର ଇସଲାମ ନିର୍ଦ୍ଦେଶ ଦେଇଛି । କିନ୍ତୁ ବ୍ୟାଙ୍କରେ କାର୍ଯ୍ୟ କରିବାରେ ମାନବ ଜାତିର ଏପରି କୌଣସି କଲ୍ୟାଣ ସାଧିତ ହୋଇନଥାଏ । ତେଣୁ ଏପରି  ଚାକିରୀ ବିନା ବୁରକାରେ କରିବାର ଅନୁମତି ଦିଆଯାଇ ପାରିବ ନାହିଁ । ଏପରି ଚାକିରୀରେ ତ ମହିଳାମାନଙ୍କୁ ନିତୀଦିନଆ ପୋଷାକ ସହିତ ସର୍ବଦା ମେକ୍ ଅପ୍ କରି ଆସିବାକୁ ହୋଇଥାଏ । ସୁତରାଂ ସର୍ବଦା ମନେରଖିବା ଉଚିତ୍ ଯେ ଏପରି ପୋଷାକ ପରିଧାନ କର ଯେଉଁଥିରେ (ଜଣେ କନ୍ୟାର)ଲାଯ ଅକ୍ଷୁର୍ଣ୍ଣ ରହୁଥିବ ଏବଂ ବର୍ତମାନ ପ୍ରଚଳିତ ବୁରକା ଲଯ୍ୟା ରକ୍ଷା କରିବାର ଏକ ଅଂଶ ଅଟେ । ଯଦି ଏଥିରେ ନର୍ମତା ପ୍ରଦର୍ଶନ କରାଯାଏ ତେବେ ନିଜ ଲାଯ ରକ୍ଷାକାରୀ ପୋଷାକରେ (ଲୋକେ) ବିଭିନ୍ନ କାରଣ ଦର୍ଶାଇ ପରିବର୍ତନ ଆଣି ଚାଲିବେ । ତାପରେ ସମାଜର ଚାକଚକ୍ୟରେ ମାତି ଯାହାକି ପୂର୍ବରୁ ନିର୍ଲଯ ହୋଇସାରିଛି, ସେହିପରି ହୋଇଯିବେ । ସଂସାରବାସୀ ତ ପ୍ରଥମରୁ ଆମ ପଛରେ ପଡ଼ିଛନ୍ତି କି ପରଦା ପ୍ରଥାକୁ ଉଠାଇଦେବା ଏବଂ ମୁସଲମାନମାନଙ୍କୁ ସେମାନଙ୍କ ଧାର୍ମିକ ଶିକ୍ଷାଠାରୁ କିପରି ଦୂରେଇ ଦେବା । ସୁଇଜରଲାଣ୍ଡରେ ଗୋଟିଏ ଝିଅ ମୋକଦ୍ଦମା କରିଲେ ଯେ ମୁଁ ପୁଅପିଲାଙ୍କ ସହିତ ସନ୍ତରଣ କରିବାରେ ଲଜ୍ଜା ଅନୁଭବ କରୁଅଛି । ମତେ ସ୍କୁଲ୍ ମିକ୍ସ ସୁଇମିଂ (ସମ୍ମିଳିତ ସନ୍ତରଣ) କରିବା ପାଇଁ ବାଧ କରୁଛି । ମତେ ଏହାର ଅନୁମତି ଦିଆଯାଉ ଯେ ମୁଁ ଅଲଗା ଝିଅପିଲାମାନଙ୍କ ସହିତ ସନ୍ତରଣ କରିବି । ହ୍ୟୁମାନ୍ ରାଇଟସ୍‌ର ଅଧିକାରୀମାନେ, ଯେଉଁମାନେ ମାନବାଧିକାର ପାଇଁ ନେତୃତ୍ୱର ଦାବି କରୁଛି କହିଲେ ଠିକ୍ ଅଛି ଯଦି ତୁମେ ଚାହୁଁଛ ଅଲଗା ହେବା ପାଇଁ ତା ହେଲେ ଏହା ତୁମର ହକ୍ ଅଟେ । କିନ୍ତୁ ଏହା ଏପରି କୌଣସି ଇଶୁ ନୁହେଁ ଯେ ଯାହାପାଇଁ ତୁମ ସପକ୍ଷରେ ଫଇସଲା ଦିଆଯିବ । ଯେଉଁଠାରେ ଇସ୍‌ଲାମୀୟ ଶିକ୍ଷା ଏବଂ ସ୍ତ୍ରୀ ଲୋକମାନଙ୍କର ଲଜ୍ଜାର ବିଷୟ ଆସିଲା ସେଠି ମାନବାଧିକାରର ସଂଗଠମାନ ମଧ୍ୟ ବାହାନା କରି ଚାଲିଛନ୍ତି । ତେଣୁ ଏପରି ଅବସ୍ଥାରେ ଅହେମଦୀମାନଙ୍କୁ ପ୍ରଥମରୁ ଅଧିକ ସତର୍କ ରହିବା ଉଚିତ୍ । ଯଦି ସ୍କୁଲ୍‌ରେ ଛୋଟ ପିଲାଙ୍କ ପାଇଁ କିଛି ଦେଶରେ ସନ୍ତରଣ ବାଧତାମୂଳକ ଅଟେ ତେବେ ଛୋଟ ପିଲାମାନେ ପୁରା ପୋଷାକ ପିନ୍ଧିକରି ଅର୍ଥାତ୍ ସନ୍ତରଣର ପୋଷାକ (ଯାହା ସମ୍ପୂର୍ଣ୍ଣ ଶରୀରକୁ ଆବଦ୍ଧ କରିଥାଏ) ଯାହାକୁ ଆଜିକାଲି ବର୍କିନି କୁହାଯାଉଛ, ତାହା ପିନ୍ଧି ସନ୍ତରଣ କର । ଯଦ୍ୱାରା ତାଙ୍କ ମନରେ ଅନୁଭବ ହେବ ଯେ ଝିଅପିଲା ମାନଙ୍କ ପାଇଁ ଅଲଗା ସନ୍ତରଣ ହେବା ଉଚିତ୍ । ତା ପାଇଁ ଚେଷ୍ଟା ମଧ୍ୟ କରିବା ଉଚିତ୍ ।  ଇସଲାମ ବିରୋଧି ଶକ୍ତିମାନେ ପ୍ରାଣ ପଣେ ଚେଷ୍ଟା କରିଚାଲିଛନ୍ତି କି ଧାର୍ମିକ ଶିକ୍ଷା ଓ ରୀତିନୀତି ଠାରୁ ମୁସଲମାନମାନଙ୍କୁ ଅଲଗା କରିଦେବା ଏବଂ ଧାର୍ମିକ ସ୍ୱାଧୀନତା ଓ ବିବେକର ସ୍ୱତନତା ନାମରେ ଧର୍ମଠାରୁ ଲୋକମାନଙ୍କୁ ଏପରି ସୁତ୍ରରେ ଅଲଗା କରିଦେବା ଯେପରି ସେମାନଙ୍କ ଉପରେ ମଧ୍ୟ କେହି ଅଭିଯୋଗ ଆଣିପାରିବେ

ନାହିଁ କି ସେମାନେ କାହାରିକୁ ଜୋର ଜବରଦସ୍ତି ଏପରି କରିବାକୁ କହିଛନ୍ତି । ଏମାନେ ସହାୟକ ରୂପେ ବିବେଚିତ ହେବେ । ସଇତାନ୍ ପରି ମଧୁର ବ୍ୟବହାର ଦେଖାଇ ଧର୍ମ ଉପରେ ଆକ୍ରମଣ କରିବେ । କିନ୍ତୁ ଆମକୁ ମନେରଖିବାକୁ ହେବ ଯେ ଏ ଯୁଗରେ ଇସ୍‌ଲାମ୍‌ର ଦ୍ୱିତୀୟ ପାଳିର କାର୍ଯ୍ୟ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଯମାତ୍ ଉପରେ ନ୍ୟସ୍ତ କରାଯାଇଛି । ସେଥିପାଇଁ ଆମକୁ ବହୁତ ଚେଷ୍ଟା କରିବାକୁ ପଡ଼ିବ ଏବଂ ଦୁଃଖ କଷ୍ଟ ମଧ ଭୋଗିବାକୁ ପଡ଼ିବ । ଆମକୁ ଯୁଦ୍ଧ କରିବାର ନାହିଁ । କିନ୍ତୁ ବୁଦ୍ଧିମତାର ସହିତ କାର୍ଯ୍ୟ ତୁଲାଇବାକୁ ହେବ । ଆଜି ଯଦି ଆମେ ତାଙ୍କର ଗୋଟିଏ କଥା ମାନିନେବା ଯାହାର ସମ୍ପର୍କ ଆମ ଧର୍ମୀୟ ଶିକ୍ଷା ସହିତ ଅଛି ତେବେ ଧୀରେ ଧୀରେ ଆମର ବହୁତ ଗୁଡିଏ ବିଷୟ ଉପରେ, ବହୁତ ଗୁଡିଏ ଶିକ୍ଷା ଉପରେ ପ୍ରତିରୋଧ ଲାଗି ଚାଲିବ । ତେଣୁ ଆମ୍ଭକୁ ଦୁଆ ପ୍ରତି ଅଧିକରୁ ଅଧିକ ଧ୍ୟାନ ଦେବା ସହିତ ଏହି ସଇତାନୀ ଚାଲବାଜିର ମୁକାବିଲା କରିବାର ଶକ୍ତି ଓ ସାମର୍ଥ୍ୟ ଲାଭ କରିବା ନିମନ୍ତେ ଅଲ୍ଲାଃଙ୍କ ସାହାଯ୍ୟ ମାଗିବା ଆବଶ୍ୟକ । ଯଦି ଆମେ ସତ୍ ମାର୍ଗରେ ପ୍ରତିଷ୍ଠିତ ଅଛେ ଏବଂ ନିଃସନ୍ଦେହ ଆମେ ଏପରି ଅଟୁ ତେବେ ଆମେ ହିଁ ଦିନେ ନା ଦିନେ କୃତକାର୍ଯ୍ୟ ହେବା । ଇସଲାମୀୟ ଶିକ୍ଷା ହିଁ ପୃଥିବୀରେ ଜୟଲାଭ କରିବ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ଜାଗାରେ କହୁଛନ୍ତି–

‘‘ସତ୍ୟତାରେ ଗୋଟିଏ ସାହାସ ଏବଂ ବୀରତା ଅଛି । ମିଛୁଆ ଲୋକ ଭୀରୁ ହୋଇଥାଏ । ସେ ଯାହାର ଜୀବନ ଅପବିତ୍ର ଏବଂ ଅପରିଷ୍କାର ପାପ ଦ୍ୱାରା ଘେରି ରହିଥାଏ ସେ ସର୍ବଦା ଭୟାତୁର ହୋଇଥାଏ ଓ ମୁକାବିଲା କରିପାରେ ନାହିଁ । ଜଣେ ସତ୍ୟବାଦୀ ପୁରୁଷ ପରି ସାହାସ ଓ ବୀରତା ଜରିଆରେ ନିଜର ସତ୍ୟତାର ପରିପ୍ରକାଶ କରିପାରେ ନାହିଁ ଏବଂ ନିଜ ପବିତ୍ରତାର ପ୍ରମାଣ ମଧ ଦେଇପାରେ ନାହିଁ । ସାଂସାରିକ ମାମଲାରେ ମଧ ଚିନ୍ତା କରି ଦେଖିନିଅ ଯେ ଯଦି କାହାକୁ ଅଲ୍ଲାଃତାଲା ଟିକେ ସ୍ୱଚ୍ଛଳତା ଦେଇଛନ୍ତି ତାର କେହି ନା କେହି ଇର୍ଶାଳୁ ମଧ ଅଛନ୍ତି । ପ୍ରତ୍ୟେକ ସ୍ୱଚ୍ଛଳ ଲୋକର କେହି ନା କେହି ଇର୍ଶାଳୁ ନିଶ୍ଚିତ ରହିଥାନ୍ତି ଏବଂ ତାଙ୍କ ପଛରେ ଲାଗିଥାନ୍ତି । ଏହିପରି ଅବସ୍ଥା ଆଧ୍ୟାତ୍ମିକତାରେ ମଧ ହୋଇଥାଏ । ସଇତାନ୍ ମଧ ଇସ୍‌ଲାହାର ଶତ୍ରୁ ହୋଇଯାଏ । ତେଣୁ ମନୁଷ୍ୟକୁ ଦରକାର ଯେ ନିଜର ହିସାବ ସଫା ସୁତରା ରଖୁ ଏବଂ ଅଲ୍ଲାଃଙ୍କ ସହିତ ମାମଲା ଠିକ୍ ରଖୁ । ଅଲ୍ଲାଃଙ୍କୁ ରାଜି କରୁ । ଯଦ୍ୱାରା କାହାକୁ ସେ ଡ଼ରିବ ନାହିଁ ନା କାହାର ପରବାୟ କରିବ । ଏହିପରି ମାମଲାରୁ ସେ ଦୂରେଇ ରହୁ । ଯେଉଁଥିରେ ନିଜେ ସେ ଦଣ୍ଡିତ ହେବ । କିନ୍ତୁ ଏହା ସବୁ ଅଲ୍ଲାଃଙ୍କ ସାହାଯ୍ୟ ବ୍ୟତୀତ ହୋଇପାରିବ ନାହିଁ । କେବଳ ମନୁଷ୍ୟର ଚେଷ୍ଟା କିଛି କରିପାରିବ ନାହିଁ ଯେଉଁ ପର୍ଯ୍ୟନ୍ତ ଅଲ୍ଲାଃଙ୍କର ଦୟା ସାମିଲ୍ ନ ହୋଇଛି । **ଖୁଲିକଲ୍ ଇନ୍‌ସାନୁ ଜଇଫା** (ନିସା: ୨୯) । ମନୁଷ୍ୟ ବହୁତ ଦୁର୍ବଳ ଏବଂ ତାର ବହୁତ ଭୁଲ୍ ହୋଇଥାଏ । ଚାରିଆଡୁ ଦୁଃଖ କଷ୍ଟ ଘେରି ରହିଛି । ତେଣୁ ଦୁଆ କରିବା ଉଚିତ୍ ଯେ ଅଲ୍ଲାଃତାଲା ପୁଣ୍ୟ କରିବାର ଶକ୍ତି ପ୍ରଦାନ କରୁ ଏବଂ ତାର ସାହାଯ୍ୟ ଓ କୃପାର ଅଧିକାରୀ ଆମକୁ କରୁ । **(ମଲ୍‌ଫୁଜାତ୍ ଖଣ୍ଡ–୧୦, ପୃଷ୍ଠା–୨୫୨, ଏଡ଼ିଶନ୍–୧୯୮୫, ମୁଦ୍ରଣ–ଇଂଲିସ୍ ସ୍ଥାନ)** । ତେଣୁ ଦୁଆର ସହିତ ଆମେ ସଂସାରବାସୀଙ୍କୁ ପ୍ରଭାବିତ କରିବାକୁ ହେବ ଏବଂ ସେଥିପାଇଁ ଅଲ୍ଲାଃଙ୍କ ସହିତ ସୁଦୃଢ଼ ସମ୍ପର୍କ ସ୍ଥାପନ କରିବାର ଆବଶ୍ୟକ ଅଛି ।

ଆମକୁ ମନେ ରଖିବାକୁ ହେବ ଯେ ଅନ୍ୟ ସବୁ ଧର୍ମ ସବୁଦିନ ପାଇଁ ନୁହେଁ । ସେମାନେ ନିଜ ନିଜର ସମୟରେ ଆସିଲେ ଏବଂ ନିଜ ଯୁଗରେ ତର୍‌ବିୟତି କାର୍ଯ୍ୟ ପୁରା କରିଲେ ଓ ଶେଷ ହୋଇଗଲେ । ସେଇଥିପାଇଁ ତ ତାଙ୍କ ଧର୍ମୀୟ ପୁସ୍ତକରେ ମଧ ବହୁତ ଗୁଡିଏ କାଟି ଛାଟି କରି ସଂଶୋଧନମାନ ହୋଇଛି ଏବଂ ବହୁତ ପରିବର୍ତନ ମଧ ହୋଇସାରିଛି । କିନ୍ତୁ ସେମାନଙ୍କ ମଧ୍ୟରୁ ଇସ୍‌ଲାମ୍ ଗୋଟିଏ ଧର୍ମ ଯିଏ ଏପର୍ଯ୍ୟନ୍ତ ସୁରକ୍ଷିତ ଅଛି । ଇସଲାମ ସଦା ସର୍ବଦା ପାଇଁ ଅଟେ । ପବିତ୍ର କୋରାନର ଶିକ୍ଷା ଅନ୍ତିମ ଦିବସ ପର୍ଯ୍ୟନ୍ତ ରହିବ । ତେଣୁ ଆମ୍ଭକୁ କୌଣସି ପ୍ରକାର ଦୁର୍ବଳ ମନୋଭାବର ଶୀକାର ନହୋଇ ନିଜ ଶିକ୍ଷା ମୁତାବକ ଅମଳ କରିବାକୁ ଚେଷ୍ଟା କରିବା ଉଚିତ୍ ଏବଂ ନିଜେ ସୁଦୃଢ ରହି ଅନ୍ୟମାନଙ୍କୁ ଅବଗତ କରାଇବା କି ତୁମେ ଯାହା କହୁଅଛ ତାହା ଅଲ୍ଲାଃ ପସନ୍ଦ କରନ୍ତି ନାହିଁ । ତାହା ତୁମକୁ ଧ୍ୱଂସାଭିମୁଖୀ କରୁଅଛି । ଇସଲାମ ଏଭଳି ଧର୍ମ ନୁହେଁ ଯାହାକି ମନୁଷ୍ୟକୁ ଅନାବଶ୍ୟକ ବନ୍ଧନର ଶିକୁଳୀରେ କବଳିତ କରିଥାଏ । ବରଂ ତାହାର ଶିକ୍ଷାରେ ଆବଶ୍ୟକତା ଠାରୁ ଅଧିକ ନମନୀୟତା ରହିଛି । ଯେପରି ମୁଁ କହିଲି ଯେ କିଛି ରୋଗୀ ଏପରି ଅଛନ୍ତି ଯାହାଙ୍କୁ ପୁରୁଷ ଡାକ୍ତରଙ୍କ ପାଖରେ ଚିକିତ୍ସା କରିବାକୁ ପଡ଼ିବ । ଡ଼ାକ୍ତର ଇତ୍ୟାଦିଙ୍କ ସମ୍ମୁଖରେ ରୋଗୀଙ୍କ ନିମନ୍ତେ ପର୍ଦା କରିବାର କୌଣସି କଠୋରତାର ଆବଶ୍ୟକ ନାହିଁ । ମନୁଷ୍ୟ ଜୀବନକୁ ରକ୍ଷା କରିବା ଏବଂ ମନୁଷ୍ୟ ଜୀବନକୁ କଷ୍ଟରୁ ଉଦ୍ଧାର କରିବା ମୂଳ ଲକ୍ଷ୍ୟ ଏବଂ ପ୍ରଥମ କର୍ତବ୍ୟ । ସେଇଥିପାଇଁ ତ ବିଚଳିତ ଓ ଅସମର୍ଥ ଅବସ୍ଥାରେ ମୁର୍ଦ୍ଦାର ଓ ସୁଅର୍ (ଘୁଷୁରି)ର ମାଂସ ଖାଇବା ପାଇଁ ମଧ ଅନୁମତି ଦିଆଯାଇଛି । କିନ୍ତୁ କେବଳ ଜୀବନ ବଂଚାଇବା ପାଇଁ ଏହା ଅଟେ । ଏହିପରି ଔଷଧରେ ଆଲ୍‌କହଲ୍‌ର ମିଶ୍ରଣ ମଧ ହୋଇଥାଏ । ଯାହାହେଉ ଯେପରି ସଇତାନି ଶକ୍ତି ଆମକୁ ପରିଚାଳିତ କରିବାକୁ ଚାହୁଁଛି ତାର ଉଦ୍ଦେଶ୍ୟ ଧୀରେ ଧୀରେ ଧର୍ମର ସରହଦ୍‌କୁ ଶେଷ କରିଦେବା ଓ ଧର୍ମକୁ ମଧ ନିଃଶେଷ କରିଦେବା । ତେଣୁ ଏହାର ବିରୋଧରେ ଆମ୍ଭେ ଅହେମଦୀମାନଙ୍କୁ ଯିହାଦ୍ କରବାକୁ ହେବ ଏବଂ ଏହା ସେତେବେଳେ ସମ୍ଭବ ହେବ ଯେତେବେଳେ ଆମେ ଇସ୍‌ଲାମୀୟ ଶିକ୍ଷାକୁ ପ୍ରତ୍ୟେକ ବସ୍ତୁ ଉପରେ ଗୁରୁତ୍ୱ ଦେବା । ଅଲ୍ଲାଃଙ୍କ ସମ୍ମୁଖରେ ନତମସ୍ତକ ହେବା ଯାହା ଫଳରେ ଅଲ୍ଲାଃଙ୍କ ସାହାଯ୍ୟ ଆମକୁ ମିଳିପାରିବ ।

ମସିହ୍ ମଉଦ୍‌ଙ୍କ ସମୟରେ ତଲ୍‌ୱାର୍‌ର ଯିହାଦ୍ ହେବ ନାହିଁ ବରଂ ନିଜକୁ ସୁଧାରିବା ପାଇଁ ଯିହାଦ୍ ହେବ । ଏହି ଉନ୍ନତଶୀଳ ରାଷ୍ଟ୍ରମାନଙ୍କରେ ରହୁଥିବା ମୁସଲ୍‌ମାନ୍ ଏବଂ ବିଶେଷ କରି ଦୁନିଆରେ ରହୁଥିବା ଅହେମଦୀ ମୁସଲ୍‌ମାନଙ୍କୁ ମୁ କହୁଅଛି । ସେମାନଙ୍କୁ ଦେଶପାଇଁ ପ୍ରେମ ଏବଂ ଦେଶ ନିମନ୍ତେ ବଳିଦାନ ଏବଂ ଦେଶର କୌଣସି ପ୍ରକାର ଉନ୍ନତି ପାଇଁ ଚେଷ୍ଟା କରିବା ଉଚିତ୍ । ଯେବେ ଏହା ହୋଇଯିବ ତେବେ ସଇତାନି ଶକ୍ତିର ମୁହଁ ବନ୍ଦ୍ ହୋଇଯିବ ଯେ ଏମାନେ ଏପରି ମୁସଲ୍‌ମାନ ଅଟନ୍ତି ଯିଏ ଦେଶ ଓ ଜାତି ପାଇଁ ବାସ୍ତବିକ ଉନ୍ନତି ଚାହୁଁଛନ୍ତି । ଆମେ ସେମାନଙ୍କୁ ଏବଂ ହୁକୁମତ୍‌କୁ ମଧ ବିଶ୍ୱାସରେ ନେବାକୁ ହେବ ଯଦି ଆମେ ଧର୍ମୀୟ ଶିକ୍ଷା ଦ୍ୱାରା ନିଜକୁ କୌଣସି ଜିନିଷର ପାବନ୍ଦ କରୁଅଛୁ ବା କୌଣସି ବସ୍ତୁଠାରୁ ଦୂରେଇ ରହୁଛୁ ବା ନିଜ ଉପରେ ପାବନ୍ଦ ଲଗାଉଛୁ ତାହେଲେ ହୁକୁମତ୍ ବା ଅଦାଲତ୍‌ର କୌଣସି କାମ ନାହିଁ ଯେ ସେମାନେ ଏଥବରେ ହସ୍ତକ୍ଷେପ କରନ୍ତୁ ଯଦ୍ୱାରା ଅଶାନ୍ତି ଜନ୍ମ ହେବ ଓ ସ୍ଥାନୀୟ ଏବଂ ପ୍ରବାସୀଙ୍କ ମଧ୍ୟରେ ଅନ୍ତର ସୃଷ୍ଟି ହେବ । ଯଦିଚ ଯାହାକୁ ଏମାନେ ମୁହାଜିର୍ (ପ୍ରବାସୀ) ବୋଲି କହୁଛନ୍ତି ସେମାନଙ୍କୁ ଏଠି ଆସିବାର ଦୁଇ ତିନି ପୁରୁଷ ହୋଇଗଲାଣି । ହଁ ଯଦି ଦେଶକୁ କୌଣସି ବ୍ୟକ୍ତି କ୍ଷତି ପହଂଚାଉଛି, କୌଣସି ଧୋକାବାଜି କରୁଛି, ଦେଶରେ ମିଛ ଏବଂ ଘୃଣା ପ୍ରଘଟ କରୁଛି ତେବେ ହୁକୁମତ୍‌କୁ ମଧ ହକ୍ ଅଛି ଯେ ତାଙ୍କୁ ଧରନ୍ତୁ ଏବଂ ଦଣ୍ଡ ମଧ ଦିଅନ୍ତୁ । କିନ୍ତୁ ଏହା କୌଣସି ହକ୍ ନାହିଁ ଯେ କୌଣସି ଧର୍ମୀୟ ଶିକ୍ଷା ଉପରେ ଅମଳ କରୁଥିବା ବ୍ୟକ୍ତିଙ୍କୁ ରୋକିକରି କୁହାଯାଏ ଯେ ଯଦି ତୁମେ ଏହା କରିବ ତେବେ ଏହାର ଅର୍ଥ ଦେଶର ମାହୋଲ୍‌କୁ ତୁମେମାନେ ଗ୍ରହଣ କରୁନାହଁ ।

ଆମ୍ଭମାନଙ୍କୁ ସର୍ବଦା ମନେରଖିବା ଉଚିତ୍ ଯେ, ଏହା ଏକ ଭୟଙ୍କର ଯୁଗ । ଏହି ଯୁଗରେ ସଇତାନ ପ୍ରତ୍ୟେକ ଦିଗରୁ ଶକ୍ତ ଆକ୍ରମଣ କରୁଅଛି । ଯଦି ମୁସଲମାନମାନେ ବିଶେଷ କରି ଅହେମଦି ପୁରୁଷ, ମହିଳା ଓ ଯୁବଗୋଷ୍ଠୀ ଧାର୍ମିକ ନୀତି ଶିକ୍ଷାକୁ ସୁଦୃଢ ରଖିବାକୁ ଚେଷ୍ଟା ନକରନ୍ତି ତେବେ ଆମ୍ଭର ସୁରକ୍ଷିତ ରହିବାର କୌଣସି ଜାମିନ୍ ନାହିଁ । ଅଲ୍ଲାଃତାଲା ଅନ୍ୟମାନଙ୍କ ଅପେକ୍ଷା ଆମ୍ଭକୁ ଅଧିକ ଦଣ୍ଡ ବିଧାନ କରିବେ, ଯଦି ଆମେ ନିଜ ଶିକ୍ଷା ମୁତାବକ ଅମଳ ନକରିବା । କାରଣ ଆମ୍ଭେ ସତ୍ୟକୁ ପ୍ରାପ୍ତ କରିନେଇଛେ ଏବଂ ହଜରତ ମସିହ ମଉଦ ଆ.ସ ଆମ୍ଭକୁ ସବୁକିଛି ସ୍ପଷ୍ଟ ଭାବରେ ବୁଝାଇ ଦେଇଛନ୍ତି । ସୁତରାଂ ଆମ୍ଭେ ନିଜକୁ କ୍ଷତିଗ୍ରସ୍ତ ହେବାରୁ ରକ୍ଷା କରିବାକୁ ହେବ ଏବଂ ଇସଲାମର ପ୍ରତ୍ୟେକ ଶିକ୍ଷା ସହ ପୂର୍ଣ୍ଣ ବିଶ୍ୱାସ ଓ ଆସ୍ଥାର ସହ ଜୀବନ ନିର୍ବାହ କରିବାକୁ ହେବ । ଦେଖ କଦାପି ଏଭଳି ମତ ପୋଷଣ କର ନାହିଁ କି ଏହି ବିକାଶଶୀଳ ରାଷ୍ଟ୍ରମାନଙ୍କ ଅନୁସରଣ କଲେ ଆମେ କୃତକାର୍ଯ୍ୟ ହେବା । ସେମାନଙ୍କ ଉନ୍ନତି ନିଜର ଚରମସୀମାରେ ପହଂଚି ସାରିଛି ବର୍ତମାନ ସେମାନଙ୍କର ଏହି ମନ୍ଦ ହରକତ୍ ସେମାନଙ୍କୁ ଅବନତି ଆଡ଼କୁ

ଟାଣୀ ନେଇଚାଲିଛି । ଯାହାର ଲକ୍ଷଣ ମଧ୍ୟ ପ୍ରକାଶିତ ହେବାରେ ଲାଗିଲାଣି । ଅଲ୍ଲାଃଙ୍କ ଅସନ୍ତୋଷକୁ ସେମାନେ ବରଣ କରି ନିଜ ଧ୍ୱଂସକୁ ଡ଼ାକରା ଦେଉଛନ୍ତି । ଏପରି ଅବସ୍ଥାରେ ମାନବିକତା ଦୃଷ୍ଟିରୁ ଆମ୍ଭମାନଙ୍କୁ ହିଁ ସେମାନଙ୍କର ସଠିକ୍ ମାର୍ଗ ଦର୍ଶନ କରାଇବା ପାଇଁ ଚେଷ୍ଟା କରିବା ଉଚିତ୍ । ସେମାନଙ୍କ ରଙ୍ଗରେ ମାତିବା ପରିବର୍ତେ ଆମେ ସେମାନଙ୍କ ସୁଧାର ଓ ସେମାନଙ୍କୁ ଗର୍ବୀ ତଥା ଧର୍ମଛଡ଼ା ହେବାରୁ ରକ୍ଷା କରିବା । ଯଦିଓ ଏହା କଷ୍ଟସାଧ୍ୟ ମନେ ହେଉଅଛି ତଥାପି ସେମାନଙ୍କ ପରକାଳ ସୁଧାର ନିମନ୍ତେ ଯେଉଁମାନେ ଚେଷ୍ଟା କରିଥାନ୍ତି ଯାହାକି ଚାରିତ୍ରିକ ଓ ଧାର୍ମିକ ଅସ୍ତିତ୍ୱକୁ ବଜାଇ ରଖିବାର ପ୍ରଚେଷ୍ଟା ଅଟେ । ଯେପରିକି ମୁଁ କହି ଆସିଲି ଏଥିପାଇଁ ଆମ୍ଭକୁ ବିଶେଷକରି ଯୁବଗୋଷ୍ଠୀକୁ ଅଲ୍ଲାଃଙ୍କ ଶିକ୍ଷାର ଅଧ୍ୟୟନ କରିବାର ଆବଶ୍ୟକତା ରହିଛି । ସଂସାରବାସୀଙ୍କ ଅନୁସରଣ କରିବା ପରିବର୍ତେ ସେମାନଙ୍କୁ ନିଜ ଅନୁଗାମୀ କରିବା ଆବଶ୍ୟକ । ପରଦା କରିବା ଓ ପୋଷାକ ପରିଧାନ କରିବା ମାଧ୍ୟମରେ ମୁଁ (ନିଜର) କଥା ଆରମ୍ଭ କରିଥିଲି । ସେଥି ସମ୍ବନ୍ଧରେ ଦୁଃଖର ସହ କହିବାକୁ ଚାହେଁ କି କେତେକ ଲୋକ କହୁଛନ୍ତି କି କଣ ଇସଲାମ ଓ ଅହେମଦିୟତର ବିକାଶ ନିମନ୍ତେ ପରଦା ଜରୁରୀ ଅଟେ । କେହି କେହି କହୁଛନ୍ତି କି ଏହି ଶିକ୍ଷା ପୁରାତନ ଅଟେ । ବର୍ତମାନ ଯଦି ଆମ୍ଭକୁ ଦୁନିଆର ମୁକାବିଲା କରିବାର ଅଛି ତେବେ ଏସବୁକୁ ତ୍ୟାଗ କରିବାକୁ ହେବ (ନଉଜୁବିଲ୍ଲାଃ) । ଏପରି ଲୋକମାନେ ଭଲକରି ଶୁଣିରଖନ୍ତୁ କି ଯଦି ସଂସାର ପଛରେ ପଡ଼ି ସେମାନଙ୍କ ଜୀବନ ଶୈଳୀ ଆପଣାଅ ତେବେ ସଂସାରର ମୁକାବିଲା କରିବା ପରିବର୍ତେ ସ୍ୱୟଂ ତୁମେ ସଂସାର ଭିତରେ ବୁଡ଼ିଯିବ । ତୁମର ନମାଜ ପାଠ ଲୋକ ଦେଖାଣିଆ ହୋଇଯିବ ଓ ପୁଣ୍ୟକର୍ମ ତଥା ଅମଳ କରିବା ଲୋକ ଦେଖାଣିଆ ହୋଇ ତାହା ମଧ୍ୟ ଧିରେ ଧିରେ ଶେଷ ହୋଇଯିବ ।

ସୁତରାଂ ଅଲ୍ଲାଃଙ୍କର କୌଣସି ଆଦେଶକୁ ସାଧାରଣ ମନେକରିବା ଉଚିତ୍ ନୁହେଁ ଏବଂ ଏହା ଭୟ କରିବାର ସ୍ଥାନ । ଇସଲାମର ଉନ୍ନତି ନିମନ୍ତେ ସେ ସମସ୍ତ ଜିନିଷ ଆବଶ୍ୟକ ଯାହାର ଅଲ୍ଲାଃ ଓ ତାଙ୍କ ରସୁଲ ଆଦେଶ ଦେଇଛନ୍ତି । ପରଦା କରିବା କେବଳ ମହିଳାମାନଙ୍କ ପାଇଁ ବାଧ୍ୟ ନୁହେଁ, ନା ଇସଲାମର ପ୍ରତିବନ୍ଧ କେବଳ ମହିଳାମାନଙ୍କ ପାଇଁ ଉଦ୍ଧିଷ୍ଟ ବରଂ ପୁରୁଷ ଓ ମହିଳା ଉଭୟଙ୍କ ପାଇଁ ଅଟେ । ଅଲ୍ଲାଃତାଲା ପ୍ରଥମେ ପୁରୁଷମାନଙ୍କୁ ଲାଯ ଓ ପରଦା କରିବାର ନିର୍ଦ୍ଦେଶ ଦେଇଛନ୍ତି । ଯେପରିକି ସେ କୁହନ୍ତି- **କୁଲ୍ ଲିଲ୍ମୁମିନିନା ୟଗୁଜ୍ଜୁ ମିନ୍ ଅବସାରିହିମ୍ ଓ୍ୱ ୟହ୍ଫଜୁ ଫୁରୁଜହୁମ୍ । ଜାଲିକା ଅଜ୍କାଲହୁମ୍ ଇନ୍ନଲ୍ଲାହା ଖବିରୁମ୍ ବିମା ୟସନଉନ୍** (ନୁର୍:୩୧) ଅର୍ଥାତ ବିଶ୍ୱାସକାରୀ ପୁରୁଷମାନଙ୍କୁ କୁହ ଯେ ସେମାନେ ନିଜ ଚକ୍ଷୁ ନିମ୍ନଗାମୀ କରି ରଖନ୍ତୁ ଏବଂ ନିଜର ଗୁପ୍ତାଙ୍ଗଗୁଡ଼ିକୁ ସୁରକ୍ଷିତ କରନ୍ତୁ । ଏହା ସେମାନଙ୍କ ପାଇଁ ଅତିଶୟ ପବିତ୍ର ହେବ । ସେମାନେ ଯାହା କିଛି କରୁଛନ୍ତି ଅଲ୍ଲାଃ ତାହା ଉତମ ରୂପେ ଜାଣନ୍ତି

ଅଲ୍ଲାଃ ସର୍ବଦା ପ୍ରଥମେ ମୋମିନମାନଙ୍କୁ ନିଜ ଦୃଷ୍ଟି ନିମ୍ନଗାମୀ ରଖିବାର ଆଦେଶ ଦେଇଛନ୍ତି, କାହିଁକି ? ଏଥିପାଇଁ କି ଏସବୁ ପବିତ୍ର ରହିବା ନିମନ୍ତେ ଆନିର୍ବାର୍ଯ୍ୟ । ଯଦି (ହୃଦୟ) ପବିତ୍ର ନାହିଁ ତେବେ ଈଶ୍ୱର ପ୍ରାପ୍ତି ନିରର୍ଥକ ସାବ୍ୟସ୍ତ ହେବ । ସୁତରାଂ ମହିଳାମାନଙ୍କ ପରଦା କରିବାକୁ (ଆଦେଶ ଦେବା) ପୂର୍ବରୁ ପୁରୁଷମାନଙ୍କୁ କହି ଦିଆଗଲା କି ତୁମେ ଏପରି ସମସ୍ତ ଜିନିଷ ଯାହା ଦ୍ୱାରା ତୁମ ଇନ୍ଦ୍ରିୟ ଉଗ୍ର ହେବାର କାରଣ ସାଜିଥାଏ, ସେଥିରୁ ନିବୃତ ରୁହ । ସ୍ତ୍ରୀ ମାନଙ୍କୁ ଖୋଲା ନଜରରେ ଦେଖିବା ତାଙ୍କ ମଧ୍ୟରେ ମିଳିମିଶି ଯିବା, ଖରାପ ସିନେମା ଦେଖିବା, ନମହ୍ରୁମ୍ (ବିବାହ ଉପଯୁକ୍ତ)ଙ୍କ ସହିତ ଫେସ୍ବୁକ୍ ବା କୌଣସି ସୋସିଆଲ୍ ମିଡ଼ିଆ ଦ୍ୱାରା ଚାଟିଂ କରିବା ଇତ୍ୟାଦି କାର୍ଯ୍ୟ ପବିତ୍ର ହୋଇନଥାଏ । ସେଥିପାଇଁ ହଜ୍ରତ୍ ମସିହ୍ ମଉଦ୍ ଆ:ସ ଏହି ଉଦ୍ଦେଶ୍ୟରେ ବହୁତ ଗୁଡ଼ିଏ ସ୍ଥାନରେ ଖୋଲିକରି ଉପଦେଶ ଦେଇଛନ୍ତି । ଗୋଟିଏ ସ୍ଥାନରେ ଆପଣ କହୁଛନ୍ତି-

ଏହା ଅଲ୍ଲାଃତାଲାଙ୍କର ବାଣୀ ଅଟେ ଯିଏ ଆମକୁ ପ୍ରାଞ୍ଜଳ ଭାବେ ଆମର ପ୍ରତ୍ୟେକ କଥା ଓ କାର୍ଯ୍ୟ ଏବଂ ଆଚରଣରେ ଧାର୍ଯ୍ୟ ସରହଦ୍ ସ୍ଥାପନ କରିଛନ୍ତି ଏବଂ ମନୁଷ୍ୟକୁ ଅଦବ କାଇଦା ଓ ପବିତ୍ରତାର ରାସ୍ତା ବତେଇଛି । ସେ ହିଁ ଯିଏ ଆଖି, କାନ ଏବଂ ଜିଭ ଇତ୍ୟାଦି ଅଙ୍ଗର ସୁରକ୍ଷା ପାଇଁ ଚେତାବନୀ ଦେଇ କହିଛନ୍ତି **କୁଲ୍ ଲିଲ୍ମୁମିନିନା ୟଗୁଜ୍ଜୁ ମିନ୍ ଅବ୍ସାରେହିମ୍ ଓ୍ୱ ୟହ୍ଫଜୁ ଫୁରୁଜହୁମ୍ ଜାଲିକା ଅଜ୍କା ଲହୁମ୍........** ଅର୍ଥାତ୍ – ବିଶ୍ୱାସକାରୀମାନଙ୍କୁ ଦରକାର ଯେ ସେମାନେ ନିଜର ଆଖି କାନ ଓ ଗୁପ୍ତାଙ୍ଗକୁ ନାମହ୍ରୁମୌଁ (ବିବାହ ଉପଯୁକ୍ତ ବ୍ୟକ୍ତି)ଙ୍କ ଠାରୁ ବଂଚାଇ ରଖୁ.....(ବରାହିନେ ଅହେମଦୟା ରୁହାନି ଖଜାଏନ୍ ପ୍ରଥମ ଖଣ୍ଡ, ପୃଷ୍ଠା-୨୦୯, ହାସିଆ)

ପୁଣି ଗୋଟିଏ ଯାଗାରେ ଆପଣ କହୁଛନ୍ତି ''ବିଶ୍ୱାସକାରୀମାନଙ୍କୁ କହିଦିଅ ଯେ ନାମହ୍ରମ୍ ଏବଂ ମହ୍ଲେ ଶହ୍ଓ୍ୱତ୍ (ବିବାହ ଉପଯୁକ୍ତ ବ୍ୟକ୍ତି ଏବଂ କାମ, ବାସନାର ସ୍ଥାନକୁ) ଦେଖିବାରୁ ନିଜ ଆଖିକୁ ଏପରି ବନ୍ଦ୍ କରିଦିଅ ଯେ ସମ୍ପୂର୍ଣ୍ଣ ରୂପେ ଚେହେରା ନଜର ନଆସୁ ଏବଂ ନା ଚେହେରା ଉପରେ ଏପରି ଖୋଲିଖୋଲି ଭାବେ ନଜର ପଡୁ ଏବଂ ଏହି କଥା ଉପରେ ପାବନ୍ଦ ରୁହ ଯେ ନିଜର ଆଖିକୁ କଦାପି ଖୋଲିକରି ନ ରଖନ୍ତୁ ନା କାମାକ୍ତ ନଜରରେ ନା ଅନ୍ୟ ସମୟରେ । କାରଣ ଏପରି କରିବା ଦ୍ୱାରା ଠୋକର୍ ଲାଗିଥାଏ ଅର୍ଥାତ୍-ବିନା ପ୍ରତିରୋଧର ଦୃଷ୍ଟି ଦ୍ୱାରା ଅତି ପବିତ୍ର ଅବସ୍ଥା ମଧ୍ୟ ସୁରକ୍ଷିତ ରହେନାହିଁ ଏବଂ ବିପତି ମାଡ଼ି ଆସେ ଓ ହୃଦୟ ମଧ୍ୟ ପବିତ୍ର ହୋଇପାରେନାହିଁ ଯେପର୍ଯ୍ୟନ୍ତ ଆଖି ପବିତ୍ର ନ ହୋଇଥାଏ । ତାହା ସେହି ଅବସ୍ଥା 'ଅଜ୍କା' ଯେଉଁଥିରେ ସତ୍ୟର ଅନ୍ୱେଷଣକାରୀଙ୍କ ପାଇଁ ପାଦ ରଖିବା ଉଚିତ୍ ଅଟେ ହାସଲ ହୋଇପାରିବ ନାହିଁ । ଏହି ଆୟତରେ ଏହା ମଧ୍ୟ ଶିକ୍ଷି ଦିଆହୋଇଛି ଯେ ଶରୀରର ସେ ସବୁ ଗର୍ତ ଗୁଡିକ ସୁରକ୍ଷିତ ରଖାଯାଉ ଯେଉଁ ରାସ୍ତା ଦେଇ କୁକର୍ମ ଦାଖଲ ହୋଇପରେ । ଗର୍ତର ଶବ୍ଦ ଯାହା ଉକ୍ତ ଆୟତରେ ବର୍ଣ୍ଣିତ ଅଛି ତାହା ଗୁପ୍ତାଙ୍ଗ, କାନ, ନାକ ଓ ମୁହଁ ସବୁ ସାମିଲ୍ ଅଟନ୍ତି । ଏବେ ଦେଖନ୍ତୁ ଏହି ସବୁ ଶିକ୍ଷା କିପରି ଉଚ୍ଚକୋଟୀର ଅଟେ ।.......**(ତରିଆକୁଲ୍ କୁଲୁବ୍ ରୁହାନି ଖଜାଏନ୍ ଖଣ୍ଡ-୧୫, ପୃଷ୍ଠା-୧୬୪-୧୬୫)**

ସୁତରାଂ ଏହି ସବୁ ଇସ୍ଲାମୀୟ ଶିକ୍ଷା ପୁରୁଷମାନଙ୍କ ନିମନ୍ତେ ଅଟେ ଯଦ୍ୱାରା ତାଙ୍କୁ ପୁର୍ବରୁ ପାବନ୍ଦ କରାଯାଇଅଛି । ପୁଣି ସ୍ତ୍ରୀ ମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଗଲା ଯେ ଏହି ସବୁ ଉପାୟ କରିବା ପରେ ମଧ୍ୟ ତୁମେମାନେ ନିଜ ପର୍ଦ୍ଦାର ଖିଆଲ୍ ରଖିବ ଏବଂ ସେହି ସବୁ ଦେଶରେ ଯେଉଁ ଦେଶରେ ବିଲ୍କୁଲ୍ ନିଲଜ୍ଜତା ଅଛି ଆମ୍ଭେ କିପରି କହିପାରିବା ଯେ ସେଠି ପର୍ଦ୍ଦାର ଆବଶ୍ୟକତା ନାହିଁ ବୋଲି । ବେ ପର୍ଦ୍ଦା ଓ ସାଙ୍ଗ ସାଥି ବହୁତ ଗୁଡିଏ କଠିନତା (ଦୋଷ)କୁ ଜନ୍ମ ଦେଇଥାଏ । ସେଥିରୁ ବଂଚିବା ପାଇଁ ଆମକୁ ବହୁତ ଚେଷ୍ଟା କରିବାକୁ ହେବ । ଏଥିରୁ ସ୍ପଷ୍ଟ ହୋଇଗଲା ଯେ ଯଦି ସ୍ତ୍ରୀ ମାନଙ୍କୁ ପୁରୁଷ ମାନଙ୍କୁ ସହିତ ସନ୍ତରଣ କରିବାର ଅନୁମତି ନାହିଁ ତେବେ ପୁରୁଷ ମାନଙ୍କୁ ମଧ୍ୟ ଅନୁମତି ନାହିଁ ଯେ ସେମାନେ ଯାଇ ସ୍ତ୍ରୀ ମାନଙ୍କ ସହିତ ସନ୍ତରଣ କରିବେ ।

ତେଣୁ ଏହି ସବୁ ପାବନ୍ଦି କେବଳ ସ୍ତ୍ରୀ ଲୋକଙ୍କ ପାଇଁ ନୁହେଁ ବରଂ ପୁରୁଷମାନଙ୍କ ପାଇଁ ମଧ୍ୟ ଅଟେ । ପୁରୁଷମାନଙ୍କୁ ନିଜର ଆଖି ସ୍ତ୍ରୀ ମାନଙ୍କୁ ଦେଖି ତଳକୁ କରିବା ପାଇଁ ନିର୍ଦ୍ଦେଶ ଦେଇ ସ୍ତ୍ରୀମାନଙ୍କର ସମ୍ମାନ ରକ୍ଷା କରାଯାଇଛି । ତେଣୁ ଇସ୍ଲାମ୍ର ପ୍ରତ୍ୟେକ ନିର୍ଦ୍ଦେଶ ହିକ୍ମତ୍ ଦ୍ୱାରା ପରିବେଷ୍ଟିତ ଯାହା ଖରାପ କାର୍ଯ୍ୟର ଆଶଙ୍କାରୁ ଦୂରେଇ ଦେଇଥାଏ ।

ଜର୍ମାନୀରେ ବିଗତ ଜଲ୍ସା ସାଲାନାରେ ସ୍ତ୍ରୀ ମାନଙ୍କ ସମ୍ମୁଖରେ ସ୍ତ୍ରୀ ଏବଂ ପୁରୁଷଙ୍କ ମଧ୍ୟରେ ଭିନ୍ନତା ଏବଂ ତାଙ୍କର କର୍ତବ୍ୟ ଓ କାର୍ଯ୍ୟ ଅର୍ଥାତ୍ ପ୍ରତ୍ୟେକଙ୍କ ଯେଉଁ ଅଲଗା ଅଲଗା କାର୍ଯ୍ୟ ଅଛି ତତ୍ ସହିତ ସ୍ତ୍ରୀ ମାନଙ୍କର ହକ୍ର କଥା ମୁଁ କହିଥିଲି । ସେଥିରେ ଜଣେ ଜର୍ମାନ୍ ସ୍ତ୍ରୀ ଲୋକ ଆସିଥିଲେ ସେ ମୋର ସବୁତକ ବକ୍ତବ୍ୟ ଶୁଣି କହିଲେ ଯେ ପ୍ରଥମେ ମୁଁ ଭାବୁଥିଲି କି ଇସ୍ଲାମ୍ ସ୍ତ୍ରୀମାନଙ୍କୁ ହକ୍ ଦେଉନାହିଁ ବୋଲି । କିନ୍ତୁ ଆଜି ଆପଣଙ୍କର କଥା ଶୁଣି ମୁଁ ଜାଣିବାକୁ ପାଇଲି ଯେ ଇସ୍ଲାମ୍ ସ୍ତ୍ରୀମାନଙ୍କର ହକ୍ ଏବଂ ତାର ସମ୍ମାନ ଅଧିକରୁ ଅଧିକ ସୁକ୍ଷ୍ମତାର ସହିତ ବର୍ଣ୍ଣନା କରି ପ୍ରତିଷ୍ଠା କରୁଛି ।

ହଜୁର ଅନଓ୍ୱର ଅ.ବ କହିଲେ- କୌଣସି ଅହେମଦି କନ୍ୟା ଅବା ମହିଳା ତଥା ପୁରୁଷ ଦୂର୍ବଳ ମନୋଭାବର ଶୀକାର ହେବାର ଅବଶ୍ୟକତା ନାହିଁ । କେବଳ ଇସଲାମୀୟ ଶିକ୍ଷା ହିଁ ସଂସାରରେ ଶାନ୍ତି ପ୍ରତିଷ୍ଠା କରିବା ସହିତ (ଲୋକମାନଙ୍କୁ) ଅଲ୍ଲାଃଙ୍କ ନିକଟବର୍ତୀ କରିପାରିବ । ସମୟ ଆସିବ ଯେତେବେଳେ ସଂସାରବାସୀ ଅନୁଭବ କରିନେବେ ଯେ, ଇସଲାମୀୟ ଶିକ୍ଷାର ଅଧ୍ୟୟନ କରି ତଦନୁଯାୟୀ ଅମଳ କରିବା ବ୍ୟତୀତ ଅନ୍ୟ କୌଣସି ପନ୍ଥା ନାହିଁ । ପୁରୁଷମାନଙ୍କୁ ନିଜ ଦୃଷ୍ଟି ନିମ୍ନଗାମୀ ରଖିବାର ଓ ସେମାନଙ୍କ ସମ୍ମାନ ରକ୍ଷା କରିବାର ଆଦେଶ ଦେବା ଅନ୍ତେ ମହିଳାମାନଙ୍କୁ ବିସ୍ତାର ଭାବରେ ବୁଝାଇ କହିଲେ କି ତୁମେ ମଧ୍ୟ ନିଜର ଦୃଷ୍ଟି ନିମ୍ନଗାମୀ ରଖିବ ଓ କିଭଳି

ପରଦା କରିବ । ଯଦି ତୁମେ ଏଥି ମୁତାବକ ଅମଲ କର ତେବେ (ନିଶ୍ଚିତ ରୂପେ) କୃତକାର୍ଯ୍ୟ ହେବ । ଶେଷରେ ଅଲ୍ଲାଃତାଲା କହୁଛନ୍ତି ପର୍ଦ୍ଦା ଏବଂ ଲଜ୍ଜାଶୀଳତା ତୁମର ସଫଳତାର ଚିହ୍ନ ଅଟେ ଯଦ୍ଵାରା ତୁମର ଇହକାଳ ଓ ପରକାଳ କୃତକାର୍ଯ୍ୟ ହେବ । ତେଣୁ କହିଲେ ଓ୍ଵକୁଲ୍ ଲିଲ୍ ମୁମେନାତେ ଯଗ୍‌ଜୁଜ୍‌ନା ମିନ୍ ଅବ୍‌ସରେହିନା ଓ୍ଵ ୟହ୍‌ଫଜ୍‌ନା ଫୁରୁଜହୁନ୍‌ନା.............ଲାଆଲ୍ଲକୁମ୍ ତୁଫ୍‌ଲେହୁନ୍ (ନୁର:୩୨) ଅର୍ଥାତ୍ ମୋମିନ୍ ସ୍ତ୍ରୀ ମାନଙ୍କୁ କହିଦିଅ ଯେ ସେମାନେ ନିଜର ଆଖି ତଳକୁ ରଖନ୍ତୁ ନିଜର ଗୁପ୍ତାଙ୍ଗର ସୁରକ୍ଷା କରନ୍ତୁ ଏବଂ ନିଜର ସୌନ୍ଦର୍ଯ୍ୟକୁ ପ୍ରକାଶ ନକରନ୍ତୁ.........ଯାହାଦ୍ଵାରା ତୁମେ ସଫଳତା ଲାଭ କରିବ ।

ପୁରୁଷଙ୍କର ଆଖି ଏବଂ ସ୍ତ୍ରୀ ମାନଙ୍କର ଆଖି ତଳକୁ ରଖିବା ଦ୍ଵାରା ଓ ପର୍ଦ୍ଦା କରିବା ଦ୍ଵାରା ସ୍ତ୍ରୀ ମାନଙ୍କର ସମ୍ମାନ ଓ ସତୀତ୍ଵର ରକ୍ଷା ହୋଇଥାଏ । ଉନ୍ନତଶୀଳ ଦେଶମାନଙ୍କରେ ସମ୍ମାନ ଓ ସତୀତ୍ଵର ସୁରକ୍ଷାର ସଂଜ୍ଞା ବଦଳି ଗଲାଣି । ନାମହେରୁମ୍ (ବିବାହ ଉପଯୁକ୍ତ ସ୍ତ୍ରୀ, ପୁରୁଷ)ଙ୍କ ମଧ୍ୟରେ ସମ୍ପର୍କ ଯଦି ପୁଅ ଝିଅଙ୍କର ଅନୁମତି ଦ୍ଵାରା ହୁଏ ତେବେ ତାହା ଜନାଃ ନୁହେଁ । ଯଦି ଏହା ବିନା ଅନୁମତିରେ ହୁଏ ତେବେ ଏହା ଜନାଃ ହେବ । ଯଦି ଏପରି ପରିସ୍ଥିତି ଆସିଯାଏ ତେବେ ମୋମିନଙ୍କୁ ଅଲ୍ଲାଃତାଲାଙ୍କର ଅଧିକରୁ ଅଧିକ ଶରଣ ଭିକ୍ଷା କରି ଦୁଆ ଓ ବଂଚିବା ପାଇଁ ଯଥା ସମ୍ଭବ ଚେଷ୍ଟା କରିବା ଉଚିତ୍ । ଇସ୍‌ଲାମ୍‌ର ଶିକ୍ଷା ଉପରେ ଆକ୍ଷେପ କରୁଥିବା ବ୍ୟକ୍ତିମାନେ କହୁଛନ୍ତି ଯେ ସ୍ତ୍ରୀମାନଙ୍କୁ ଚାଦର ଘୋଡ଼େଇ ପର୍ଦ୍ଦା ନାମ ଦେଇ ତାଙ୍କର ହକ୍‌କୁ ନଷ୍ଟ କରି ଦିଆଯାଉଛି । ସେଥିପାଇଁ ଅଳ୍ପ ବୟସର ଝିଅମାନେ ବେଳେବେଳେ ପ୍ରଭାବିତ ହେଉଛନ୍ତି । ଇସ୍‌ଲାମ୍ ପର୍ଦ୍ଦାର ଅର୍ଥକୁ ଜେଲ୍‌ରେ ରଖିବା ନୁହେଁ । ଘରର ଚାରିକାନ୍ଥ ମଧ୍ୟରେ ସ୍ତ୍ରୀ ମାନଙ୍କୁ ବନ୍ଦ କରିବାର ଅର୍ଥ ନୁହେଁ । ହଁ ଲଜ୍ଜାକୁ ପ୍ରତିଷ୍ଠା କରିବା ଅଟେ ।

ହଜରତ ମସିହ ମଉଦ ଆ.ସ ଗୋଟିଏ ସ୍ଥାନରେ କୁହନ୍ତି- ଆଜିକାଲି ପରଦା ଉପରେ ଘୋର ଆକ୍ରମଣ ହେଉଅଛି କିନ୍ତୁ ଆକ୍ରମଣକାରୀମାନେ ଜାଣନ୍ତି ନାହିଁ ଯେ, ଇସଲାମୀୟ ପରଦା କୌଣସି ବ୍ୟବସାୟ ପରି ନୁହେଁ । ବରଂ ଏକ ପ୍ରକାରର ପ୍ରତିବନ୍ଧକ ଯାହାକି ଅଜଣା ପୁରୁଷ ଓ ନାରୀମାନଙ୍କୁ ନଦେଖିବା ପାଇଁ କରାଯାଇଥାଏ । ଯଦି ପରଦା କରିବେ ତେବେ ଅନେକ ବିପଦରୁ ରକ୍ଷା ପାଇଯିବେ । ଜଣେ ନ୍ୟାୟବନ୍ତ ଏହା କହିପାରିବ ଯେ ଯଦି ଏପରି ଲୋକମାନେ, ସ୍ତ୍ରୀ ଓ ପୁରୁଷ ଏକତ୍ରିତ ହୋଇ କୌଣସି ପ୍ରତିବନ୍ଧକ ବିନା ଏବଂ ସବୁଠାରେ ମିଳାମିଶା କରିପାରିବେ, ବୁଲାବୁଲି କରିବେ ତାହା ଦ୍ଵାରା ସେମାନେ କାହିଁକି ଠୋକର୍ ନଖାଇବେ । ବେଳେବେଳେ ଶୁଣାଯାଏ ବା ଦେଖାଯାଏ ଯେ ଏପରି ଜାତି ମଧ୍ୟ ଅଛନ୍ତି ଯେଉଁମାନେ ଅନ୍ୟପୁରୁଷ ଓ ଅନ୍ୟ ସ୍ତ୍ରୀ ଙ୍କ ସହିତ ଗୋଟିଏ ଘରେ ଅଲଗା ଅଲଗା କବାଟ ବନ୍ଦ୍ କରି ରହିବାକୁ ମଧ୍ୟ ଖରାପ ଭାବନ୍ତି ନାହିଁ । ଏହାକୁ ସେମାନେ ସଭ୍ୟତା ବୋଲି କହନ୍ତି । ଏହି ସବୁ ଖରାପ ଫଳରୁ ବଂଚିବା ପାଇଁ ଇସ୍‌ଲାମ୍‌ର ପ୍ରତିଷ୍ଠାତା ସେହି କଥାଗୁଡିକ କରିବା ପାଇଁ ଅନୁମତି ହିଁ ଦେଲେନାହିଁ ଯାହା କାହାର ଠୋକର୍‌ର କାରଣ ହେବ । ଏହି ମୌକାରେ କହିଲେ ଯେ ଯେଉଁଠି ଏପରି ଗାୟର୍ ମହରମ୍ (ବିବାହ ଉପଯୁକ୍ତ) ପୁରୁଷ ଓ ସ୍ତ୍ରୀ ଦୁଇଜଣ ଏକାଠି ହେବେ ସେଠାରେ ସଇତାନ୍ ଉପସ୍ଥିତ ରହିବ । ଏହି ଅପବିତ୍ର କାର୍ଯ୍ୟ ଉପରେ ଚିନ୍ତା କରନ୍ତୁ ଯାହା ୟୁରୋପ୍ ବର୍ତମାନ ଏହି କାର୍ଯ୍ୟ ଦ୍ଵାରା ଭୋଗୁଅଛି । କିଛି ସ୍ଥାନରେ ସମ୍ପୂର୍ଣ୍ଣ ରୂପେ ଲଜ୍ଜାହୀନ ବେଶ୍ୟାର ଜୀବନ ଜାରିରହିଛି । ଏହା ସେହି ଶିକ୍ଷାର କାରଣ ଅଟେ । ଯଦି କୌଣସି ଜିନିଷକୁ ଖୟାନତ୍‌ରୁ ବଂଚାଇବାକୁ ଚାହଁ ତେବେ ଚାହାର ସୁରକ୍ଷା କର । କିନ୍ତୁ ଯଦି ତୁମେ ସୁରକ୍ଷା ନ କରୁଛି ଏବଂ ଭାବୁଛ ଯେ ଭଲ ଲୋକ ଅଛନ୍ତି ତେବେ ମନେରଖ ନିଶ୍ଚିତ ରୂପେ ତାହା ଧ୍ଵଂସ ହେବ । ଇସ୍‌ଲାମୀୟ ଶିକ୍ଷା କିପରି ପବିତ୍ର ଶିକ୍ଷା ଅଟେ ଯେ ଯିଏ ସ୍ତ୍ରୀ ଓ ପୁରୁଷଙ୍କୁ ଅଲଗା ଅଲଗା ରଖି ଠୋକର ଖାଇବାରୁ ସୁରକ୍ଷା ଦେଇଛି ଏବଂ ମନୁଷ୍ୟର ଜୀବନକୁ ହରାମ୍ ଏବଂ କଟୁ ନ ହେଉ ଯେଉଁଥି ପାଇଁ ୟୁରୋପରେ ପ୍ରତ୍ୟେକ ଦିନ ଗୃହ ଯୁଦ୍ଧ ଓ ଆତ୍ମହତ୍ୟା ଦେଖିବାକୁ ପଡୁଛି । କିଛି ଭଦ୍ର ମହିଳାଙ୍କ ବେଶ୍ୟା ପରି ଜୀବନ ବିତାଇବା ଉକ୍ତ କାର୍ଯ୍ୟର ଫଳ ଅଟେ ଯେଉଁଥିରେ ଅନ୍ୟ ସ୍ତ୍ରୀ ମାନଙ୍କୁ ଦେଖିବା ପାଇଁ ଅନୁମତି ଦିଆଯାଇଛି । **(ମଲ୍‌ଫୁଜାତ୍ ପ୍ରଥମ ଖଣ୍ଡ, ପୃଷ୍ଠା-୩୪-୩୫, ଏଡିଶନ୍-୧୯୮୫, ମୁଦ୍ରଣ -ଇଂଲିସ୍ ସ୍ଥାନ)** ପୁଣି ପର୍ଦ୍ଦାର ରୀତି ଉପରେ ଆପଣ କହିଲେ ଯେ କିପରି ପର୍ଦ୍ଦା କରିବା ଉଚିତ୍ ? କହୁଛନ୍ତି ଅଲ୍ଲାଃତାଲା ଆଦେଶ ଦେଉଛନ୍ତି ଯେ ମୋମିନ୍ ସ୍ତ୍ରୀ ମାନଙ୍କୁ କହିଦିଅ ଯେ ସେମାନେ ମଧ୍ୟ ନିଜର ଆଖିକୁ ବିବାହ ଉପଯୁକ୍ତ ପୁରୁଷଙ୍କୁ ଦେଖିବାରୁ ନିବୃତ ରଖନ୍ତୁ ଏବଂ ନିଜର କାନକୁ ମଧ୍ୟ ନାମେହରୁମଙ୍କଠାରୁ ବଂଚାଇ ରଖନ୍ତୁ । ଅର୍ଥାତ ତାଙ୍କର କାମନାରେ ପୁର୍ଣ୍ଣ ଶବ୍ଦକୁ ନଶୁଣନ୍ତୁ ଏବଂ ନିଜର ଗୁପ୍ତାଙ୍ଗର ସ୍ଥାନକୁ ପର୍ଦ୍ଦାରେ ରଖନ୍ତୁ ଏବଂ ସୌନ୍ଦର୍ଯ୍ୟ ବର୍ଦ୍ଧିତ କରୁଥିବା ଅଙ୍ଗଗୁଡିକୁ କୌଣସି ବିବାହ ଉପଯୁକ୍ତ ପୁରୁଷଙ୍କ ସମ୍ମୁଖରେ ନ ଖୋଲନ୍ତୁ ଏବଂ ନିଜର ଓଢ଼ଣୀକୁ ନିଜ ମୁଣ୍ଡ ଉପରେ ଏପରି ଢ଼ାଙ୍କି ନିଅନ୍ତୁ ଯାହା ଛାତିକୁ ଘୋଡ଼ାଇ ଦେଇ ମୁଣ୍ଡ ପର୍ଯ୍ୟନ୍ତ ଆସିବ । ଅର୍ଥାତ୍- ଗଳା, ଛାତି ଦୁଇଟା କାନ ଓ ମୁଣ୍ଡ ଏବଂ କାନର ଉପରସ୍ଥଳୀ ସବୁ ଚାଦର ଦ୍ଵାରା ଚାଦର ଦ୍ଵାରା ଢ଼ାଙ୍କି ହୋଇ ରହିଯିବ ଏବଂ ନିଜର ଗୋଡ଼କୁ ମାଟି ଉପରେ ନାଚିବା ବାଲି ସଦୃଶ ମାରନ୍ତୁ ନାହିଁ ଏହା ଏପରି ସତର୍କତା ଅଟେ ଯାହାର ପାବନ୍ଦି ଦ୍ଵାରା ଠୋକର୍‌ରୁ ବଂଚାଯାଇପାରିବ । **(ଇସ୍‌ଲାମି ଉସୁଲ୍‌କି ଫଲାସଫି ରୁହାନି ଖଜାଏନ୍ ଖଣ୍ଡ-୧୦, ପୃଷ୍ଠା-୩୪୧-୩୪୨)**

ଏଠାରେ ଏହା ମଧ୍ୟ ସ୍ପଷ୍ଟ କରିଦେଉଛି ଯେ କିଛି ସ୍ତ୍ରୀ ଲୋକ ଏହା ମଧ୍ୟ ପ୍ରଶ୍ନ କରୁଛନ୍ତି ଯେ ଆମେ ମେକପ୍ କରିଛୁ ଯଦି ଚେହେରାକୁ ନିକାବ ଦ୍ଵାରା ଢ଼ାଙ୍କି ଦେବୁ ତାହାଲେ ଆମର ମେକପ୍ ଖରାପ ହେଇଯାଉଛି ତାହାଲେ ଆମେ କିପରି ପର୍ଦ୍ଦା କରିବୁ । ପ୍ରଥମତଃ ମେକପ୍ କରନ୍ତୁ ନାହିଁ । ତାହାଲେ ଏହି ପର୍ଦ୍ଦା ପ୍ରକୃତରେ ପର୍ଦ୍ଦା ହେବ ଯାହାର ମାପଦଣ୍ଡ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବତାଇଛନ୍ତି ଯେ ଚେହେରା, ଓଠ ଖୋଲା ରହିପାରିବ ଏତଦ୍ ଭିନ୍ନ ବାକି ଚେହେରା ଢ଼ଙ୍କା ରହିବ । (ଉଦ୍ଧୃତ ରିଭ ଅଫ୍ ରିଲିଜିଅନ୍ ଖଣ୍ଡ-୪, ସଂଖ୍ୟା-୧, ପୃଷ୍ଠା-୧୭, ଜାନୁଆରୀ-୧୯୦୫) ଯଦି ତୁମେ ମେକପ୍ କରିବାକୁ ଚାହୁଁଛ ତେବେ ତାକୁ ଢ଼ାଙ୍କିବାକୁ ପଡ଼ିବ । ସେମାନଙ୍କୁ ଏହା ଭାବିବା ଉଚିତ୍ ଯେ ଅଲ୍ଲାଃତାଲାଙ୍କ ଶିକ୍ଷା ଉପରେ ଚାଲି ନିଜର ସୌନ୍ଦର୍ଯ୍ୟକୁ ଲୁଚାଇବାକୁ ହେବ ବା ଦୁନିଆକୁ ନିଜର ସୌନ୍ଦର୍ଯ୍ୟ ଓ ନିଜର ମେକପ୍ ଦେଖାଇବେ ।

ଚେହେରା ଆଦି ଯେଉଁମାନଙ୍କ ନିକଟରେ ପ୍ରକାଶ କରିବାର ଅନୁମତି ଦିଆଯାଇଛି ତାହା ଅଲ୍ଲାଃ ବିସ୍ତାର ଭାବରେ ଦର୍ଶାଇ ଦେଇଛନ୍ତି ଯେପରିକି ଅତି ନିକଟବର୍ତୀ ବନ୍ଧୁବାନ୍ଧବ ଭାଇ, ଭଉଣୀ, ସ୍ଵାମୀ, ବାପା, ମା, ଛୁଆ ଆଦି ଏଥିରେ ଅନ୍ତର୍ଭୁକ୍ତ । ସେମାନଙ୍କ ନିକଟରେ ମେକ୍ ଅପ୍ ମଧ୍ୟ କରାଯାଇ ପାରିବ । କିନ୍ତୁ ସେମାନଙ୍କ ବ୍ୟତୀତ ଅନ୍ୟ କାହା ନିକଟରେ ନୁହେଁ । ଯାହା ପବିତ୍ର କୋରାନରେ ଅଲ୍ଲାଃ ସ୍ପଷ୍ଟ ଭାବରେ ବର୍ଣ୍ଣନା କରିଦେଇଛନ୍ତି ଏବଂ ଅଙ୍ଗ ପ୍ରକାଶ କରିବା ମଧ୍ୟରେ ଯାହାକି ସ୍ଵୟଂ ପ୍ରକଟିତ ହୋଇଯାଏ ଯେପରି ଉଚ୍ଚତା, ରଙ୍ଗ ବର୍ଣ୍ଣ ଆଦି (ପ୍ରକାଶହେବା)ରେ କୌଣସି ଅସୁବିଧା ନାହିଁ । ଏହାର ଅର୍ଥ ନୁହେଁ କି ଉକ୍ତ ଘରର ସଦସ୍ୟମାନଙ୍କ ସମ୍ମୁଖରେ ସଂକ୍ଷିର୍ଣ୍ଣ ଜିନ୍ ପ୍ୟାଣ, ବ୍ୟାଉଜ ଅବା ଲଙ୍ଗଳା ବସ ପରିଧାନ କରି ବୁଲିବ । ଏଭଳି ପୋଷାକ ପିନ୍ଧି ଘର ଲୋକମାନଙ୍କ ନିକଟକୁ ଯିବା ମଧ୍ୟ ମନା ଅଟେ ।

ହଜୁର ଅନଓ୍ଵର ଅ.ବ କହିଲେ ଆଉ ଏକ କଥା ମୁଁ ମୁରବୀ ଓ ସେମାନଙ୍କ ପତ୍ନୀମାନଙ୍କୁ କହିବାକୁ ଚାହେଁ ଯେ ସେ ମାନେ ମଧ୍ୟ ନିଜ ପୋଷାକ ଓ ଦୃଷ୍ଟି ପ୍ରତି ଅତ୍ୟଧିକ ସଜାଗ ରହିବା ଉଚିତ୍ । କାରଣ ସେମାନଙ୍କ ନମୁନା ପ୍ରତି ଜମାଅତର ନଜର ରହିଥାଏ । ଜଣେ ମୁରବୀ ଓ ମୁବଲିଗ୍‌ର ପତ୍ନୀ ମଧ୍ୟ ମୁରବୀ ଅଟେ । ତେଣୁ ପ୍ରତ୍ୟେକ ବିଷୟରେ ସେମାନଙ୍କୁ ସର୍ବୋଚ୍ଚ ଉଦାହରଣ ପାଲଟିବାକୁ ଚେଷ୍ଟା କରିବା ଉଚିତ୍ । ଅଲ୍ଲାଃ କରନ୍ତୁ କି ଆମ୍ଭ ମୁରବୀ ଓ ଜମାଅତର ମହିଳାମାନେ ଲାଜର ସର୍ବୋଚ୍ଚ ସ୍ତର ହାସଲ କରିବା ସହିତ ଇସଲାମର ପ୍ରତ୍ୟେକ ଆଦେଶ ପାଳନକାରୀ ହୁଅନ୍ତୁ ।

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ଵରୂପ ଦ୍ଵିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.2 Thursday 16 FEB 2017 Issue No. 7

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr
ANNUAL SUBSCRIPTION:Rs.300/-

## ମୁଁ ଆପଣମାନଙ୍କୁ ଖିଦ୍‌ମତେ ଦୀନ୍ (ଧର୍ମର ସେବା) ପାଇଁ ଉପଦେଶ ଦେବାକୁ ଚାହୁଁଛି

ହଜ୍‌ରତ୍ ମସିହ୍ ମଉଦ୍ ଆସ ନିଜର ପୁରା ଜୀବନ ଖିଦ୍‌ମତେ ଦୀନ୍‌ର କାର୍ଯ୍ୟରେ ବହୁତ ନିଷ୍ଠାପର ସହିତ କାଟିଲେ । ଆପଣ ଆ:ସ ଅତ୍ୟଧିକ ପରିଶ୍ରମୀ ଓ କଦାପି ଥକୁନଥିବା ବ୍ୟକ୍ତି ଥିଲେ । ଆପଣମାନେ ମଧ ହଜୁର୍ ଆ:ସଙ୍କ ପବିତ୍ର ଜୀବନ ଶୈଳୀକୁ ଆପଣେଇବାକୁ ହେବ ଏବଂ ନିଜ ସାମର୍ଥ୍ୟ ଅନୁସାରେ ଦୀନ୍ କାର୍ଯ୍ୟରେ ଭାଗ ନେବାକୁ ହେବ । ଯେଉଁମାନଙ୍କୁ ଏପର୍ଯ୍ୟନ୍ତ ସୁଯୋଗ ମିଳିନାହିଁ ସେମାନେ ଆଗକୁ ଆସନ୍ତୁ ଏବଂ ଯମାତି ଖିଦ୍‌ମାତ୍ ପାଇଁ ନିଜକୁ ପେଶ୍ କରନ୍ତୁ । ଏହିପରି ନିଜର ଧାର୍ମିକ ଓ ସାଂସାରିକ ଉନ୍ନତିର ପଥ ପରିଷ୍କାର କରନ୍ତୁ ।

## ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ବାର୍ଷିକ ଇଜ୍‌ତେମା ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ଓ ଅତ୍‌ଫଲ୍ ଅହେମଦୀୟା ଭାରତ-୨୦୧୬ ନିମନ୍ତେ ବାର୍ତା

ଲଣ୍ଡନ୍-
୨୪/୦୯/୨୦୧୬

ଭାରତର ପ୍ରିୟ ଖୁଦାମ୍ ଏବଂ ଅତ୍‌ଫାଲ୍‌ମାନେ ! ଅସ୍ ସଲାମ୍ ୱ ଆଲୈକୁମ୍ ୱ ରହ୍‌ମତୁଲ୍ଲାହେ ୱ ବରକାତୁହୁ

ମତେ ଜାଣି ବହୁତ ଖୁସି ଲାଗିଲା ଯେ ଆପଣମାନଙ୍କୁ ନିଜର ବାର୍ଷିକ ଇଜିତେମା ପାଳନ କରିବା ପାଇଁ ସୌଭାଗ୍ୟ ମିଳିଅଛି । ଅଲ୍ଲାଃତାଲା ଏହି ଆୟୋଜନକୁ ସବୁ କ୍ଷେତ୍ରରୁ ସଫଳ କରନ୍ତୁ । ଆମିନ୍ ! ମତେ ଦରଖାସ୍ତ କରାଯାଇଛି ଯେ ମୁଁ ଏହି ଅବସରରେ କିଛି ବାର୍ତା ପଠାଇବି । ମୁଁ ଆପଣମାନଙ୍କୁ ଖିଦ୍‌ମତେ ଦୀନ୍ କରିବା ପାଇଁ ଉପଦେଶ ଦେବାକୁ ଚାହୁଁଛି । ଏ ଯୁଗ ଭୌତିକ ବାଦର ଯୁଗ ଅଟେ ସବୁଆଡ଼େ ଧନ ସମ୍ପତି ଅର୍ଜନ କରିବା ଏବଂ ଭୌତିକ ଇଛାକୁ ପୁରଣ କରିବା ପାଇଁ ଧାଁ ଧପଡ଼ ଲାଗିଛି । ସାମାଜିକ କୁକର୍ମ ଓ ଚାରିତ୍ରିକ ଦୁର୍ବଳତା ସବୁଠାରେ ପରିଲିକ୍ଷିତ ହେଉଛି । ଲୋକଙ୍କ ଜୀବନ ଶୈଳୀ ଓ ପ୍ରବୃତି ବଦଳିଗଲାଣି । ଅନ୍ୟକାମକୁ ପ୍ରାଧାନ୍ୟତା ଦିଆଗଲାଣି ଏବଂ ସବୁଆଡ଼େ ଏପରି ଏକ ମାହୋଲ ତିଆରି ହେଉଛି ଯାହା ଧର୍ମଠାରୁ ଦୂରେଇ ନେଇଯାଉଛି । କିନ୍ତୁ କ'ଣ ଜଣେ ମୋମିନ୍ ଏହି କଥା ଉପରେ ଆତ୍ମ ସନ୍ତୋଷ ଓ ଖୁସି ହୋଇପାରିବ ? କଦାପି ନୁହେଁ । ଆପଣମାନେ ତ ସେହି ମୋମିନ୍ ଅଟନ୍ତି ଯେଉଁମାନଙ୍କୁ ଅଲ୍ଲାଃତାଲା ଏ ଯୁଗର ଇମାମ୍‌ଙ୍କୁ ମାନିବା ପାଇଁ ଶକ୍ତି ଦେଇଛନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜର ସମ୍ପୂର୍ଣ୍ଣ ଜୀବନ ଦୀନ୍‌ର ସେବା କାର୍ଯ୍ୟରେ ବହୁତ ନିଷ୍ଠାପରତା ସହ ନିୟୋଜିତ କଲେ । ଆପଣ ବହୁତ ଗୁଡ଼ିଏ ପୁସ୍ତକ ଲେଖିଛନ୍ତି । ଲୋକଙ୍କ ସହିତ ମୋନାଜିରା କରିଛନ୍ତି । ବହୁତ ଯାଗା ଭ୍ରମଣ କରିଛନ୍ତି । ସବୁ ସମୟରେ ଲୋକମନେ କାଦିଆନ୍ ଆସନ୍ତି ଏବଂ ଆପଣ ତାଙ୍କର ଇଛା ମୁତାବକ ତାଙ୍କ ସହିତ ସାକ୍ଷାତ କରିବା ପାଇଁ ମୌକା ଦିଅନ୍ତି । ଆପଣ ବହୁତ ପରିଶ୍ରମୀ ଏବଂ ଥକୁ ନଥିବା ବ୍ୟକ୍ତି ଥିଲେ । ତେଣୁ ଆପଣମାନେ ବହୁତ ସୌଭାଗ୍ୟଶାଳୀ ଅଟନ୍ତି ଯେ ଆପଣମାନେ ସେହି ବାବର୍‌କତ୍ ବ୍ୟକ୍ତିଙ୍କୁ ମାନିଛନ୍ତି ଏବଂ ତାଙ୍କର ସିଲ୍‌ସିଲା ବୟତ୍‌ରେ ସାମିଲ୍ ହୋଇଛନ୍ତି । ମନେରଖ ଯେ ଆପଣମାନଙ୍କୁ ମଧ ହଜୁର୍ ଆ:ସଙ୍କ ପବିତ୍ର ଜୀବନ ଶୈଳୀକୁ ଆପଣେଇବାକୁ ହେବ ଏବଂ ସାମର୍ଥ୍ୟ ଅନୁସାରେ ଦୀନ୍ କାର୍ଯ୍ୟରେ ଭାଗ ନେବାକୁ ହେବ । କେବଳ ଦୀନ୍‌କୁ ଦୁନିଆ ଉପରେ ପ୍ରାଥମିକତା ଦେବାର ସପଥ ଯଥେଷ୍ଟ ନୁହେଁ, ତା ଉପରେ ଅମଳ କରିବା ଜରୁରୀ ଅଟେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି-

ଯଦି ହୋଇପାରିବ ତେବେ ଧର୍ମର ସେବା କରନ୍ତୁ । ଏହାଠାରୁ ସୌଭାଗ୍ୟ ଆଉ କ'ଣ ହୋଇପାରିବ ଯେ ମନୁଷ୍ୟର ସମୟ ସେ ନିଜେ, ତା'ର ଶକ୍ତି, ଧନ ସମ୍ପତି ଓ ଜୀବନ ଅଲ୍ଲାଃଙ୍କ ଦୀନ୍‌ର ସେବାରେ ଖର୍ଚ୍ଚ ହେଉ । ଆମକୁ ତ କେବଳ ରୋଗର ପାଦୁର୍ଭାବର ଡ଼ର ଅଛି ନଚେତ୍ ମନ ଏହା କହୁଛି ଯେ ପୁରା ପୁରା ରାତି କାର୍ଯ୍ୟ କରାଯାଉ । (ମଲ୍‌ଫୁଜାତ୍ ଖଣ୍ଡ-୩, ପୃଷ୍ଠା-୧୧୨)

ପୁଣି ଆପଣ କହୁଛନ୍ତି :-

ଭ୍ରମଣ କରିବେ ତ ଧର୍ମୀୟ ଉଦେଶ୍ୟରେ କରନ୍ତୁ । ସାଂସାରିକ ଉଦେଶ୍ୟରେ ଯେଉଁ ଭ୍ରମଣ ହୋଇଥାଏ ତାହା ପାପ ହୋଇଥାଏ । ମନୁଷ୍ୟ ସେତେବେଳେ ଠିକ୍ ପରିଚାଳିତ ହୁଏ ଯେତେବେଳେ ପ୍ରତ୍ୟେକ କଥାରେ ସେ କିଛି ନା କିଛି ଧର୍ମର ଲକ୍ଷ୍ୟ ରଖିଥାଏ । ପ୍ରତ୍ୟେକ ସଭାକୁ ସେ ଏହି ଉଦେଶ୍ୟ ସହିତ ଯାଉ ଯେ ସେଥିରୁ କିଛି ଧର୍ମୀୟ ଶିକ୍ଷା ହାସଲ ହେବ । ହଦିସ୍ ଶରିଫ୍‌ରେ ଲେଖାଅଛି ଯେ ଜଣେ ଗୋଟିଏ ଘର ତିଆରି କଲେ । ତା ପରେ ଅଲ୍ଲାଃଙ୍କ ପୈଗମ୍ବର୍ ସ:ଆ:ସ ଙ୍କ ଗୋଚରରେ ଦରଖାସ୍ତ କଲେ ଯେ ଆପଣ ସ:ଆ:ସ ସେଠାକୁ ଆସନ୍ତୁ ଯଦ୍ୱାରା ଆପଣଙ୍କ ପାଦ ପଡ଼ି ତାହା ସୌଭାଗ୍ୟଶାଳୀ ହୋଇଯିବ । ଯେତେବେଳେ ସେଠାକୁ ହଜ୍‌ରତ୍ ସ:ଆ:ସ ଗଲେ ତ ଆପଣ ସ:ଆ:ସ ଗୋଟିଏ ବାତାୟାନ (ଝରକା) ଦେଖିଲେ । ପଚାରିଲେ ଏହାକୁ କାହିଁକି ରଖିଛ ? ସେ କହିଲେ ଥଣ୍ଡା ପବନ ଆସିବା ପାଇଁ । ଆପଣ ସ:ଆ:ସ କହିଲେ ଯେ ଯଦି ତୁମେ ଏ ନିୟତ କରିଥାନ୍ତ ଯେ ଆୟାନ୍‌ର ଶବ୍ଦ ଶୁଣାଯାଉ ବୋଲି ତେବେ ମଧ ଥଣ୍ଡା ପବନ ଆସିଥାନ୍ତା ଏବଂ ପୁଣ୍ୟ ମଧ ମିଳିଥାନ୍ତା । **(ମଲ୍‌ଫୁଜାତ୍ ଖଣ୍ଡ-୨, ପୃଷ୍ଠା-୬୦୩-୬୦୪)**

ଅଲ୍ଲାଃତାଲାଙ୍କର ପ୍ରଶଂସା ଅଟେ ଯେ ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଏପରି ଗୋଟିଏ ସ୍ନେହି ଯମାତ ପ୍ରଦାନ କରିଛନ୍ତି ଯାହାର ବହୁତ ଲୋକ ଦୀନ୍ ଖିଦିମାତ୍ (ଧର୍ମୀୟ ସେବା) କରିବାକୁ ପସନ୍ଦ କରୁଛନ୍ତି ଏବଂ ଯାହାଙ୍କୁ ଥରେ ଏହି ଅଭ୍ୟାସ ମିଳିଯାଏ ତାଙ୍କ ଘର ମଧ ଯମାତି ଦଫ୍‌ତର୍ ରୂପେ ଜଣାପଡ଼େ । ତାଙ୍କର କଥା ଧର୍ମୀୟ ହୋଇଥାଏ, ତାଙ୍କର ସାଙ୍ଗସାଥି ମଧ ସାଧାରଣତଃ ହୋଇଥାନ୍ତି ଯେଉଁମାନେ କୌଣସି ନା କୌଣସି ରୂପେ ଦୀନ୍‌ର ଖିଦ୍‌ମତ (ଧର୍ମର ସେବା) କରୁଥାନ୍ତି ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ କହୁଛନ୍ତି:-

''ସାଂସାରିକ ମହିମା ମଧ ଦୀନ୍ (ଧର୍ମ) ଦ୍ୱାରା ହାସଲ ହୋଇଥାଏ'' (ମଲ୍‌ଫୁଜାତ୍ ଖଣ୍ଡ-୩, ପୃଷ୍ଠା-୩୮୭) । ତେଣୁ ଯାହାଙ୍କୁ ଏପର୍ଯ୍ୟନ୍ତ କୌଣସି ସୌଭାଗ୍ୟ ମିଳିନାହିଁ ସେମାନେ ଆଗକୁ ଆସନ୍ତୁ ଏବଂ ଯମାତି ଖିଦ୍‌ମାତ୍ (ସେବା) ନିମନ୍ତେ ନିଜକୁ ପେଶ୍ କରନ୍ତୁ ଏବଂ ଏହିପରି ନିଜର ଧାର୍ମିକ ଓ ସାଂସାରିକ ଉନ୍ନତିର ପଥ ପରିଷ୍କାର କରନ୍ତୁ । ଅଲ୍ଲାଃଙ୍କ ତରଫରୁ ଅବତୀର୍ଣ୍ଣ ବର୍‌କାତ୍ (ସାନ୍ନିଧ୍ୟ) କୁ ନିଜଠାରେ ପ୍ରତ୍ୟକ୍ଷ ଦର୍ଶନ କରନ୍ତୁ । ଅଲ୍ଲାଃତାଲା ଆପଣମାନଙ୍କୁ ଉକ୍ତ ଉପଦେଶଗୁଡିକ ଉପରେ ଅମଳ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ !

*ୱସ୍‌ସଲାମ୍ ଖାକ୍‌ସାର୍*
*ମିର୍ଜା ମସ୍‌ରୁର୍ ଅହେମଦ୍*
*ଖଲିଫତୁଲ୍ ମସିହିଲ୍ ଖାମିସ୍*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan